## ଗଞ୍ଜେଇ ଚୋରା ଚାଲାଣ, ଦମ୍ପତି ଗିରଫ

ଟିଟିଲାଗଡ,(ଡି.ଏନ.ଏ.): ଟିଟିଲାଗଡ଼ ଷ୍ଟେଶନ ପରିସରରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦମ୍ପତିଙ୍କଠାରୁ ଆର୍‌ପିଏଫ୍ ୧୧.୦୭କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ମଧ୍ୟପ୍ରଦେଶ ଛିନ୍ଦବାଡା ଅଞ୍ଚଳର ଜୟରାମ ନାହାରେ ଓ ଅମ୍ବିକା ସାହୁଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇ ଜିଆର୍‌ପିକୁ ହସ୍ତାନ୍ତର କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆର୍‌ପିଏଫ୍ ଆଇଆଇସି ଧର୍ମେନ୍ଦ୍ର କୁମାର ମିଶ୍ରା ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ବିଞ୍ଝାଲ ସମାଜ ବ୍ଲକ ସ୍ତରୀୟ ବୈଠକ

**ଖପ୍ରାଖୋଲ,୧୩।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ଦେଦର ଶିବ ମନ୍ଦିରରେ ସର୍ବ ଭାରତୀୟ ବିଞ୍ଝାଲ ସମାଜର ବ୍ଲକସ୍ତରୀୟ ବୈଠକ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଜିଲା ସଭାପତି ଚନ୍ଦ୍ର ଶେଖର ବାଗ, ସମ୍ମାନିତ ଅତିଥି ଜିଲା ଉପ ସଭାପତି ଅର୍ଜୁନ ବରିହା, ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ସମ୍ପାଦକ ନାରାୟଣ ବରିହା, ମିଡ଼ିଆ ସେଲ ସମ୍ପାଦକ ଗୋରେଖନାଥ ବରିହା , ବ୍ଲକ ସମ୍ପାଦକ ବିମଳ ବରିହା, ଗୌରୀ ଶଙ୍କର ବରିହା ଯୋଗଦେଇଥିଲେ। ସମାଜର କାର୍ଯ୍ୟଧାରାରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ୨୧ ଟି ପଞ୍ଚାୟତ ର ପଞ୍ଚାୟତ ସଭାପତି ସମ୍ପାଦକ ତଥା ସଦସ୍ୟ ଯୋଗଦେଇଥିଲେ।

## ଆମ ଜଙ୍ଗଲ ଯୋଜନା ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୧୩।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ଆଗଲପୁର ବ୍ଲକ କେଶାଇପାଲି ଓ ଭାଲୁପାଲି ଗ୍ରାମରେ ଆମ ଜଙ୍ଗଲ ଯୋଜନା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଲେଭଟା ଫରେଷ୍ଟ ବିଦ୍ୟାଧର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ରେଞ୍ଜ ଅଫିସର ପାଉଲ ହରିପାଲ, ସରଗାଡ ଫରେଷ୍ଟର ସୁନୀଲ ମିଶ୍ର, ଲୋଇସିଂହା ଫରେଷ୍ଟର ଠଣସୁନ୍ଦର ଧରୁଆ ଅତିଥିଭାବେ ଯୋଗଦେଇଥିଲେ। ନିଆଁଦାଉରୁ ଜଙ୍ଗଲ ଏବଂ ବନ୍ୟଯନ୍ତୁଙ୍କୁ ସୁରକ୍ଷା ଦେବା ସହ ଜଙ୍ଗଲ ବୃଦ୍ଧି ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ ଅତିଥି। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଏବଂ ବନ ସୁରକ୍ଷା ସମିତି ସଦସ୍ୟ ଉପସ୍ଥିତ ଥିଲେ। ଆତ୍ମନିର୍ଭରଶୀଳ ପାଇଁ ବନ ସୁରକ୍ଷା ସମିତିକୁ ବନ ବିଭାଗ ପକ୍ଷରୁ ଟେଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା ।

## ସର୍ଗିପଡ଼ାରେ ଲାଗିଲା ନୂଆ ଟ୍ରାନ୍ସଫର୍ମର

**କଣ୍ଟାବାଞ୍ଜି,୧୩।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମହୁଲପାଟି ଗାଁର ସର୍ଗିପଡ଼ାସ୍ଥିତ ଇଲେକ୍ଟ୍ରିକ ଟ୍ରାନ୍ସଫର୍ମର ଗତ ୨ ମାସ ତଳେ ପୋଡ଼ିଯାଇଥିଲା । ଏ ନେଇ ସୋମବାର ଧରିତ୍ରୀରେ 'ପୋଡ଼ିଯାଇଛି ଟ୍ରାନ୍ସଫର୍ମର, ମରାମତି ହେଉନି' ଶୀର୍ଷକ ଖବର ପ୍ରକାଶ ପାଇଥିଲା।

**ଧରିତ୍ରୀ ପ୍ରଭାବ**

ଖବର ପ୍ରକାଶନ ପରେ ସ୍ୱେଚ୍ଛାସେବୀ ସଙ୍ଗଠନ ଶୁଳିଆ ବୁଢ଼ା ସେବାଦଳ ସିଏମ୍‌ଓ ଓଡ଼ିଶା, ଜିଲାପାଳ ବଲାଙ୍ଗୀର, ଟାଟା ପାୱାର ପଶ୍ଚିମ ଓଡ଼ିଶାକୁ ଟୁଇଟ କରି ଜନସାଧାରଣଙ୍କ ଅସୁବିଧା ଯଥାଶୀଘ୍ର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଥିଲେ । ଟୁଇଟ କରିବାର ୪ଘଣ୍ଟା ମଧ୍ୟରେ ଅର୍ଥାତ୍ ଅପରାହ୍ଣ ଦେଢଟାରେ ଟାଟା ପାୱାର ପଶ୍ଚିମ ଓଡ଼ିଶା ବଣ୍ଟନ ବିଭାଗ ତରଫରୁ ନୂତନ ଟ୍ରାନ୍ସଫର୍ମର ଲଗାଯାଇଥିବା ଟାଟା ପାୱାର ତରଫରୁ ଶୁଳିଆ ବୁଢ଼ା ସେବା ଦଳକୁ ଟୁଇଟ କରି ଅବଗତ କରାଯାଇଥିବା ତୁରେକେଲା ସେକ୍ସନର କାର୍ଯ୍ୟକାରୀ ଇଞ୍ଜିନିୟର ସୂଚନା ଦେଇଛନ୍ତି।

## ଲିଜ୍ ଶେଷ ପରେ ବି ଚାଲିଛି ବାଲି ଚାଲାଣ

**ଗୋଲାମୁଣ୍ଡା,୧୩।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲ ଅଧୀନ ଚିଲିଗାଁ ତେଲ ନଦୀ ବାଲିଘାଟରୁ ଲିଜ ସରିଥିଲେ ବି ଲିଜଧାରୀ ବାଲି ଉଠାଉଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ରାଜସ ହାନୀ ଘଟୁଛି। ଚିଲିଗାଁ ତେଲ ନଦୀ ଘାଟରୁ ବାଲି ଉଠାଣ ପାଇଁ ଜଣେ ବ୍ୟକ୍ତିଙ୍କ ନାଁରେ ପାଞ୍ଚ ବର୍ଷ ପାଇଁ ଲିଜ ରହିଥିଲା। ଏପ୍ରିଲ ୧୦ ତାରିଖରେ ଲିଜ ଅବଧି ସରିଥିଲେ ବି ଏବେ ବେଆଇନ ଭାବେ ବାଲି ଉଠାଣ ଚାଲିଛି। ଅନ୍ୟ ଜଣେ ବ୍ୟକ୍ତି ଫୁଣ୍ଡା ନଦୀଘାଟ ଲିଜ ନେଇଥିବା ବେଳେ ପୁରୁଣା ଲିଜରେ ରୟାଲଟି ବିଲ ନାମକୁ ମାତ୍ର କାଟି ଦୈନିକ ଶହ ଶହ ହାଇୱା ଓ ଟ୍ରାକ୍ଟରରେ ବାଲି ଜିଲା ଓ ରାଜ୍ୟ ବାହାରକୁ ଚାଲାଣ ହେଉଛି। ଫଳ ସ୍ୱରୂପ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟୁ ଥିବା ଅଭିଯୋଗ ହେଉଛି। ଏ ନେଇ ଗୋଲାମୁଣ୍ଡା ତହସିଲଦାରଙ୍କୁ ପଚାରିବାରୁ ଏହି କଥାକୁ ଆଡେଇ ବେଆଇନ ଚାଲି ନ ଥିବା କହିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବେଆଇନ ବାଲି ଚାଲାଣ ବନ୍ଦ ହେବା ସହ ବହୁ ରାଜସ୍ୱ ଆଦାୟ ହୋଇପାରିବ।

# ଉଠିଛି ପୂରା ଅନୁଦାନ, ପ୍ରକଳ୍ପ ଅଧାପନ୍ତରିଆ

**କନ୍ଦାଜୁରୀ ପଞ୍ଚାୟତ**

**ଲୋଇସିଂହା,୧୩।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ପଞ୍ଚାୟତରେ ଉନ୍ନୟନ କାମରେ ଦୁର୍ନୀତି ଅଭିଯୋଗ ହୋଇଛି । ପଞ୍ଚାୟତର କେତେକ ଉନ୍ନୟନ କାମର ପୁରା ଅନୁଦାନ ଉଠିଥିଲେ ବି କାମ ସମ୍ପୂର୍ଣ୍ଣ ହୋଇନାହିଁ। ଦୀର୍ଘଦିନ ହେଲା ପ୍ରକଳ୍ପଗୁଡିକ ଅଧାପନ୍ତରିଆ ଭାବେ ପଡି ରହିଛି । ପଞ୍ଚାୟତବାସୀ ସ୍ଥାନୀୟ ପିଇଓ ପ୍ରମୋଦ ମିଶ୍ରଙ୍କୁ କାମ ସମ୍ପୂର୍ଣ୍ଣ ପାଇଁ ଦାବି କରି ଆସୁଛନ୍ତି। ସେ ଆସହାୟ ପ୍ରକାଶ କରି କାମ କରିଥିବା ଠିକାଦାରକୁ ବାରମ୍ବାର କହୁଥିବା କହୁଛନ୍ତି। ଏହାକୁ ନେଇ କନ୍ଦାଜୁରୀ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି।

ଅଭିଯୋଗ ମତେ, ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକବର୍ଷରେ କନ୍ଦାଜୁରୀ ପଞ୍ଚାୟତ ସଦର ଗାଁ କନ୍ଦାଜୁରୀରେ କେତେକ ଉନ୍ନୟନ ପ୍ରକଳ୍ପ ହାତକୁ ନିଆଯାଇଛି । ବର୍ଷବର୍ଷ ବିତିଯାଉଥିଲେ ବି ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହେଉନାହିଁ। ଗ୍ରାମବାସୀଙ୍କ ସୂଚନା ମୁତାବକ ଲୋଇସିଂହା-ପଦ୍ମପୁର ରାସ୍ତାର କନ୍ଦାଜୁରୀ ଗ୍ରାମର ପ୍ରବେଶ ପଥରେ ଏକ ସ୍ୱାଗତ ଗେଟ ନିର୍ମାଣାଧୀନ ରହିଛି । ୨ ଲକ୍ଷ ଅନୁଦାନ ରାଶି ଉଠିଥିଲେ ସୁଦ୍ଧା କାମ ସରିନାହିଁ । ସେହିପରି ପଞ୍ଚାୟତ ଗେଟ ମଧ୍ୟ ଅସମ୍ପୂର୍ଣ୍ଣ ରହିଛି । ହାଇସ୍କୁଲ ପାଚେରି ଅବସ୍ଥା ମଧ ତଦ୍ରୂପ । ପଞ୍ଚାୟତ ପାଚେରି କାମର ୩ଟି ପର୍ଯ୍ୟାରେ ୬ଲକ୍ଷ ଟଙ୍କା ଉଠିଛି । ହେଲେ ପାଚେରି ପ୍ଲାଷ୍ଟର କରାଯାଇନାହିଁ। ପଞ୍ଚାୟତର ଗୋଷ୍ଠୀ ଶୌଚାଳୟ ମଧ୍ୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି। ପଞ୍ଚାୟତ ପରିସରରେ ନିର୍ମିତ ୨ ମହଲା ବିଶିଷ୍ଟ ପିଇଓ କୋଠା କାମ ଅଧାରେ ଅଟକିଛି। ଏହାବ୍ୟତୀତ କେତେକ ରାସ୍ତା କାମରେ ଅନୁଦାନଠାରୁ ବି ଅଧି ଟଙ୍କା ବିଲ୍ କରି ଆତ୍ମସାତ କରିଥିବା ନଜିର ରହିଛି । ଏସମ୍ପର୍କରେ ପିଇଓ ପ୍ରମୋଦ ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ସରପଞ୍ଚ ଜାମିନୀ ମହାନନ୍ଦ କହିଛନ୍ତି, ଲୋକେ ଅଭିଯୋଗ କରିବା ପରେ ପିଇଓଙ୍କୁ ଅସମ୍ପୂର୍ଣ୍ଣ କାମ ସାରିବାକୁ କହିଛି । ଯେଉଁମାନେ କାମ କରିଥିଲେ ସେମାନଙ୍କୁ କହୁଥିବା ସେ କହିଛନ୍ତି। ଉକ୍ତ ପଞ୍ଚାୟତର ଉନ୍ନୟନ କାମର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ତେରାପନ୍ଥ ଯୁବକ ପରିଷଦ ନୂତନ କମିଟି ଗଠିତ



ନୂତନ କମିଟି ଗଠନ ଅବସରରେ ତେରାପନ୍ଥ ଯୁବକ ପରିଷଦ କର୍ମକର୍ତ୍ତା।

**ଗୁଡ଼ଭେଲା, ୧୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଡୁଷୁରା ଜୈନ ଭବନଠାରେ ଜୈନ ଶ୍ୱେତାମ୍ବର ତେରାପନ୍ଥ ଧର୍ମସଂଘର ପ୍ରଶାନ୍ତ କୁମାରଜୀଙ୍କ ସାନ୍ନିଧ୍ୟରେ ତେରାପନ୍ଥ ଯୁବକ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜୈନ ତେରାପନ୍ଥ ଯୁବକ ପରିଷଦର ନୂତନ ଅଧ୍ୟକ୍ଷଭାବେ ମନୋଜ କୁମାର ଜୈନ ମନୋନୀତ ହୋଇଥିଲେ। ଅଧ୍ୟକ୍ଷ ମନୋନୟନ ପରେ ଜୈନ ନୂତନ ଟିମ୍ ଗଠନ କରିଛନ୍ତି। ଉପସଭାପତିଭାବେ ସଙ୍ଗୀତ ଜୈନ ଓ ଗୋଲୁ ଜୈନ, ସମ୍ପାଦକ ଅରହମ ଜୈନ, ବିନିତ ଜୈନ ଓ ରବିନ ଜୈନ ସହସମ୍ପାଦକ, ତୁଷାର ଜୈନ କୋଷାଧ୍ୟକ୍ଷ, ବିକାଶ ଜୈନ ସଂଗଠନ ମନ୍ତ୍ରୀ ରହିଛନ୍ତି। ବୀରେନ୍ଦ୍ର ଜୈନ ଓ ସୁନୀଲ ଜୈନଙ୍କୁ ଉପଦେଷ୍ଟା ଭାବେ ମନୋନୟନ କରାଯାଇଛି।

# କରାଟେ, ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




କରାଟେ, ଆତ୍ମରକ୍ଷା, ଯୋଗ ଓ ଅସ୍ତ୍ରଚାଳନା ପ୍ରଶିକ୍ଷଣ ଶିବିରରେ ଭାଗନେଇଥିବା ପ୍ରଶିକ୍ଷାର୍ଥୀ।

**ବଲାଙ୍ଗୀର ଅଫିସ,୧୩।୬**

ବଲାଙ୍ଗୀର ସେଞ୍ଚୁରିଆନ ପବ୍ଲିକ ସ୍କୁଲରେ କରାଟେ ସ୍କୁଲ ଆନୁକୂଲ୍ୟରେ ୮ ଦିନ ଧରି ଚାଲିଥିବା କରାଟେ, ଆତ୍ମରକ୍ଷା, ଯୋଗ ଓ ଅସ୍ତ୍ରଚାଳନା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବଲାଙ୍ଗୀର ପୌରପାଳିକା ଅଧ୍ୟକ୍ଷା ଲିକା ସାହୁ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ଓ ବଲାଙ୍ଗୀର କରାଟେ ସ୍କୁଲ ସଭାପତି ସଚିନ ବାଗ ଯାଦବ ମଞ୍ଚାସୀନ ଥିଲେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରି ପୂର୍ବଭାରତ କରାଟେ ଚାମ୍ପିୟନଶିପ ଭୁବନେଶ୍ୱରଠାରେ ଭାଗ ନେଇଥିବା ବଲାଙ୍ଗୀର ଜିଲାର ଦୁଇ କରାଟେକା ତମନ୍ନା ମେହେର (୩୦ କେଜିବର୍ଗ) କୁମିତରେ ସ୍ୱର୍ଣ୍ଣ, ମୋନାଲିସା ବାରିକ (୪୫ କେଜିବର୍ଗ), ସବ୍‌ଜୁନିୟର ବର୍ଗ କୁମିତିରେ ସ୍ୱର୍ଣ୍ଣ ଓ ମୁରଲୀ ମହାକୁର ସର୍ବଭାରତୀୟ ୫ମ ଏସ୍‌ସିକେଏଓ ଓପନ୍ ଷ୍ଟେଟ୍ କରାଟେ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିବାରୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ପ୍ରଶିକ୍ଷଣ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରମାନେ କରାଟେ, ଯୋଗ, ଆତ୍ମରକ୍ଷା କୌଶଳ ଅତିଥି ଓ ଅଭିଭାବକ ମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ଉତ୍ସବରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର କରାଟେ ସ୍କୁଲ ତଥା ବଲାଙ୍ଗୀର ଜିଲା କରାଟେ ସଂଘ ସମ୍ପାଦକ ହୃଦୟ ଶବର ମଞ୍ଚ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ସେଠ, ଅମିତ ମଛଖଣ୍ଡ, ନୀଳାଞ୍ଚଳ ନାହାକ, ମନଗୋବିନ୍ଦ ମେହେର, ରେଖା ମନହୀରା ଓ ବିଜୟା କୁମାରୀ ନାହକ ସହଯୋଗ କରିଥିଲେ। ଶେଷରେ ବଦ୍ରିନାରାୟଣ ହୋତା ଧନ୍ୟବାଦ ଜ୍ଞାପନ କରିଥିଲେ।

## ଏକଲ ଅଭିଯାନ ଅଭ୍ୟାସବର୍ଗ ଉଦ୍‌ଯାପିତ

**ବୋଡେନ,୧୩।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତାହବ୍ୟାପି ଚାଲିଥିବା ଏକଲ ଅଭିଯାନ ଅଭ୍ୟାସବର୍ଗ ଉଦ୍‌ଯାପିତ ହୋଇଯାଇଛି। ଭବାନୀପାଟଣା ଅଭିଯାନ ଅଞ୍ଚଳ ଅନ୍ତର୍ଗତ ଧର୍ମଗଡ ସଙ୍କୁଳର ବୋଡେନ ସଞ୍ଚ ଅଧୀନ ୨୨ଟି ବିଦ୍ୟାଳୟ ଓ ଖଡିଆଲ ସଞ୍ଚ ଅଧୀନ ୨୪ଟି ବିଦ୍ୟାଳୟରୁ ଆଚାର୍ଯ୍ୟଆଚାର୍ଯ୍ୟା ଏହି ଅଭ୍ୟାସ ବର୍ଗରେ ଯୋଗଦାନ କରିଥିଲେ। ବୋଡେନ ବ୍ଲକ ସଞ୍ଚ ପ୍ରମୁଖ କୃଷ୍ଣଚନ୍ଦ୍ର ନିଆଲଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ବୋଡେନ ଆର୍‌ଏସ୍‌ଏସ୍ ସଂଘ ପରିଚାଳକ ଗଜରାଜ ବୈଠାରୁ, ବୋଡେନ ଆର୍‌ଏସ୍‌ଏସ୍ ସେବା ପ୍ରମୁଖ ପ୍ରସାନନ୍ଦ କୁମ୍ଭାର, ବୋଡେନ ଶିଶୁ ମନ୍ଦିର ଯୁଗ୍ମ ସମ୍ପାଦକ ଟିକେଶ୍ୱର ନାଗ, ସହ ଜିଲା କାର୍ଯ୍ୟ ନିର୍ବାହୀ ଗଣେଶ ଗହିର, ଯୋଗ ସମିତ ଜିଲା ସଂଯୋଜକ ନିହାର ରନ ଯୋଷୀ, ଓଡିଶା ପଶ୍ଚିମଭାଗ ପ୍ରାଥମିକ ଶିକ୍ଷା ପ୍ରମୁଖ ଅନ୍ତର୍ଯ୍ୟାମୀ ସାହୁ, ଭବାନୀପାଟଣା ଅଞ୍ଚଳ ଅଭିଯାନ ପ୍ରମୁଖ ଟିକେଶ୍ୱର ମାଝି, ଭବାନୀପାଟଣା ଅଞ୍ଚଳ ପ୍ରାଥମିକ ଶିକ୍ଷା ପ୍ରମୁଖ ଡମ୍ବରୁଧର ମାଝି, ଭବାନୀପାଟଣା ଅଞ୍ଚଳ ଗ୍ରାମସ୍ୱରଜ ପ୍ରମୁଖ ସୁରେନ୍ଦ୍ର ରାଉତ, ଖଡିଆଲ ସଞ୍ଚ ବ୍ୟାସ କଥାକାର ସନ୍ତୋଷ ଥାପା, ଖଡିଆଲ ସଞ୍ଚ ପ୍ରମୁଖ ହେମସାଗର ଶବର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ଡୁମାଲ ସମାଜ ଜାଗୃତି ସଭା




ଡୁମାଲ ସମାଜ ଜାଗୃତି ସଭାରେ ମଞ୍ଚାସୀନ ଅତିଥି।

**ଲୋଇସିଂହା,୧୩।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲ ପୁଇଁତଲା ବ୍ଲକ ପର୍ଥଲା ଗ୍ରାମରେ ଜିଲା ଷାଠିଏ ଘର ଡୁମାଲ ସମାଜର ଜାଗୃତି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ମେର୍ଲିଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜର ଲମ୍ବୋଦର ମହାକୁର, ଜଗନ୍ନାଥ କରନ, ଜମନି କମ୍ପ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମାଜରେ ବୈପ୍ଳବିକ ଆଣିବା ପାଇଁ ଜିଲାର ବିଭିନ୍ନ ପ୍ରାନ୍ତରେ ଜାଗୃତି ସଭା ମାଧ୍ୟମରେ ଜନ ଜାଗରଣ କରାଯାଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାବ୍ୟତୀତ ବିଂଶସୂତ୍ରୀ ଯୋଜନା ଅନୁପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା । ଆଉଲ କମ୍ପ ସଭା ସଂଯୋଜନା କରିଥିଲେ ।

# ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

**ମଣ୍ଡିରୁ ଉଠୁନି ଧାନ**

**ନୂଆପଡ଼ା ଅଫିସ,୧୩।୬**



ଚାଷୀମାନେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ନୂଆପଡା ଜିଲାର ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ପଡି ରହିଥିଲେ ମଧ୍ୟ ମିଲର୍ସ କିମ୍ବା ପ୍ୟାକ୍ସ କର୍ମଚାରୀ ମଣ୍ଡିକୁ ଆସୁନାହାନ୍ତି ନାହିଁ କିମ୍ବା ଧାନ ଉଠାଉ ନାହାନ୍ତି। ଏହାକୁ ଉତ୍ତ୍ୟକ୍ତ ଚାଷୀ ସୋମବାର ଖରିଆର ରୋଡ ଗଣପତି ପେଲେସ ନିକଟରେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସିଛନ୍ତି। ନୂଆପଡା ସଦର ବ୍ଲକ ସାରାବଙ୍ଗ ପ୍ୟାକ୍ସର ସାରାବଙ୍ଗ, ମୋହରାଡିହି, ଖୁଟମନଭେରା ମଣ୍ଡିରେ ଆଜକୁ ପ୍ରାୟ ୨୦/୨୫ ଦିନ ହେବ ମଣ୍ଡିରୁ ଧାନ ଉଠା ନ ଯିବାରୁ ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଆଗକୁ ମୌସୁମୀ ବର୍ଷା ହେବା ସମ୍ଭାବନା ରହିଛି। ମଝିରେ ମଝିରେ କାଳବୈଶାଖୀ ସହ ବର୍ଷା ହେବାରୁ ଅନେକ ଚାଷୀଙ୍କ ଧାନ ପାଣିରେ ଭିଜି ଗଜା ହେବାରେ ଲାଗିଲାଣି। ମଣ୍ଡିରୁ ଧାନ ଉଠାଣ ନ ହେବାରୁ ସାରାବଙ୍ଗ ଅଞ୍ଚଳର ଚାଷୀ ୧୦୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ଓ ପିକଅପ୍ ଭ୍ୟାନ ଯୋଗେ ଧାନ ଖରିଆର ରୋଡ ମିଲସକୁ ସିଧାସଳଖ ବିକ୍ରୟ କରିବା ପାଇଁ ସୋମବାର ସକାଳେ ନେଇଥିଲେ। ସେଠାରେ ମିଲର୍ସ ମନା କରି ଦେବାରୁ ଚାଷୀ ଉତ୍ତ୍ୟକ୍ତ ହୋଇ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଖରିଆର ରୋଡ ଗଣପତି ପେଲେସଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଅପରାହ୍ନ ୩ଟାରୁ ଅବରୋଧ କରି ଧାରଣାରେ ବସିଛନ୍ତି। ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ରୋ, ଅତିରିକ୍ତ ଯୋଗାଣ ଅଧିକାରୀ ଥଣ୍ଡୁରାମ ନାଏକ ଧାରଣାସ୍ଥଳକୁ ଯାଇ ଚାଷୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ସମାଧାନ ହୋଇ ନାହିଁ। ମଣ୍ଡି ଓ ଟ୍ରାକ୍ଟରରେ ଥିବା ଧାନ ଉଠା ନ ଯିବା ପର୍ଯ୍ୟନ୍ତ ରାସ୍ତାରୁ ହଟିବେ ନାହିଁ ବୋଲି ଚାଷୀମାନେ ଅଡି ବସିଛନ୍ତି। ଧାରଣାରେ ଚର୍ତୁଭୂଜ ଶର୍ମା, କମଲେସ ଦିକ୍ଷୀତ, ପ୍ରମାନନ୍ଦ କେଉଟ, ଥାନାରାମ ରାଉତ, ନରେଶ ଠେଚୁଆର, ଭିଏସ କୁମାର ସାହୁ, ମହେଶ ମାଝି,ସୁରେନ ପାଣ୍ଡେ, ଗୁଡୁ ରାଉତ, ମୁକେଶ ରାଉତ ପ୍ରମୁଖ ଉପସ୍ଥିତ ଅଛନ୍ତି । ଖବର ଲେଖା ଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ବେଳେ ରାସ୍ତା ଅବରୋଧ ଜାରି ରହିଛି।

## ବାଇପାସ୍ ରାସ୍ତା ନିର୍ମାଣ ଦାବି ତେଜିଲା

**ଲାଠୋର, ୧୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ୍ ରେଳ ଗେଟ୍ ପାଖରେ ବାଇପାସ୍ ରାସ୍ତା ନିର୍ମାଣ ଦାବି ତେଜିଛି। ଦାବିକୁ ଅଧିକ ଜୋର୍‌ଦାର କରିବା ପାଇଁ ଆସନ୍ତା ୧୯ତାରିଖରେ ସ୍ଥାନୀୟ ସାବାସ ଅନୁଷ୍ଠାନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୋମବାର ଅନୁଷ୍ଠାନର କପିଳ ସୁନା, ବିଶ୍ୱହରି ପ୍ରସାଦ ନାଗ, ବିଦ୍ୟାଧର ଗୁର୍ଲା, ସିକନ୍ଦର ସୁନା, ମୋତିରାମ ତାଣ୍ଡି ହରିଶଙ୍କର ରୋଡ୍ ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ସମ୍ବଲପୁର ଡିଭିଜନ ରେଲୱେ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ହରିଶଙ୍କର ରୋଡ୍ ଦେଇ ଦୀର୍ଘ ବର୍ଷରୁ ରେଳ ଚଳାଚଳ କରୁଛି। ବର୍ତ୍ତମାନ ଡବଲ ଲାଇନ କାର୍ଯ୍ୟକ୍ଷମ ହୋଇଥିବାରୁ ଅହରହ ଟ୍ରେନ ଯାତାୟାତ କରୁଛି ଏବଂ ଫାଟକ ପଡ଼ି ରହୁଛି। ଗ୍ରାମ ମଧ୍ୟଭାଗରେ ଗେଟ୍ ରହିଥିବାରୁ ଗ୍ରାମ ତଥା ଆଖପାଖ ଗ୍ରାମର ଲୋକ କାମରେ ଯିବା ଆସିବା ବେଳେ ଫାଟକଠାରେ ଦୀର୍ଘ ସମୟ ଅଟକି ରହିବାକୁ ପଡୁଛି। ବିଶେଷକରି ସରକାରୀ, ବେସରକାରୀ ଅଫିସ କର୍ମଚାରୀ, ସ୍କୁଲ କଲେଜ ଛାତ୍ରୀଛାତ୍ର ଏବଂ ରୋଗୀମାନେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସପ୍ତାହର ରବିବାର ଏବଂ ବୁଧବାର ଦୁଇ ହାଟପାଳି ଦିନ ରେଳ ଫାଟକଠାରେ ଯାନବାହନ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଅନେକ ଦିନରୁ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ହେଁ ରେଳ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଏହାର ପ୍ରତିବାଦରେ ସାବାସ ଅନୁଷ୍ଠାନ ଆସନ୍ତା ୧୯ରେ ରେଳ ଫାଟକ ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସ୍ଥିର କରିଥିବା ଦାବିପତ୍ରରେ ଦର୍ଶାଯାଇଛି।

# ପୁଣି ମାତିଲେ ଲୁଟେରା, ଝାମ୍ପି ନେଲେ ୯୦ହଜାର

**ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିବା ବ୍ୟକ୍ତିଙ୍କୁ କରୁଛନ୍ତି ଟାର୍ଗେଟ**

**ଟିଟିଲାଗଡ, ୧୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ଲୁଟେରାଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ଲୁଟେରା ଗ୍ୟାଙ୍ଗ୍ ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିବା ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଏହିପରି ଘଟଣା କ୍ରମାଗତଭାବେ ବୃଦ୍ଧି ପାଉଥିବା ବେଳେ ସୋମବାର ଏପରି ଏକ ଘଟଣାର ପୁନରାବୃତ୍ତି ଘଟିଛି। ଟିଟିଲାଗଡ ଷ୍ଟେଶନ ରାସ୍ତାରେ ପଥର୍ଲା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନେତ୍ରାନନ୍ଦ ବେହେରାଙ୍କଠାରୁ ଦୁର୍ବୃତ୍ତମାନେ ୯୦ହଜାର ଟଙ୍କା ଲୁଟି ନେଇଛନ୍ତି। ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରୁ ଟଙ୍କା ଉଠାଇ ଷ୍ଟେଶନ ରାସ୍ତାରେ ଥିବା ଏକ ହୋଟେଲ ସମ୍ମୁଖରେ ବାଇକରୁ ଓହ୍ଲାଉ ଥିବାବେଳେ କଳା ପଲ୍‌ସରରେ ଆସି ୨ଜଣ ଯୁବକ ନେତ୍ରାନନ୍ଦଙ୍କ ହାତରୁ ଟଙ୍କା ବ୍ୟାଗ୍ ଛଡାଇ ନେଇଥିଲେ। ତାଙ୍କ ଚିତ୍କାର ଶୁଣି ସେଠାରେ ଥିବା କେତେଜଣ ଯୁବକ ସେମାନଙ୍କ ପିଛା କରିଥିଲେ ମଧ ଧରିପାରି ନ ଥିଲେ। ସ୍ଥାନୀୟ ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଛି। ସହରରେ ଦିନଦ୍ୱିପ୍ରହରରେ ଏଭଳି ଘଟଣାର ପୁନରାବୃତ୍ତି ହେବା ଅପରାଧୀଙ୍କ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ସଦୃଶ ହୋଇଛି। କିଛିଦିନ ପୂର୍ବରୁ ଟିଟିଲାଗଡ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଗୋପାଳକୃଷ୍ଣ ଚାନ୍ଦ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରୁ ଦେଢ଼ ଲକ୍ଷ ଟଙ୍କା ଉଠାଇ ସ୍ତ୍ରୀଙ୍କ ସହ ଏକ ଦୁଇଚକିଆ ଯାନରେ ଫେରୁଥିବା ବେଳେ ଠିକାଦାରପଡ଼ାସ୍ଥିତ ଘର ସମ୍ମୁଖରେ ୨ଜଣ ଦୁର୍ବୃତ୍ତ ଏକ ପଲ୍‌ସରରେ ଆସି ଟଙ୍କା ଭର୍ତ୍ତି ବ୍ୟାଗକୁ ଲୁଟି ନେଇଥିଲେ। ବର୍ତ୍ତମାନ ସୁଦ୍ଧା ପୋଲିସ ଲୁଟେରାଙ୍କୁ ଠାବକରିପାରିନାହିଁ।

# ଯମୁନା ଦଳକୁ ଟାଇଟଲ

**ଅଣାକାର ଜଗଦଲା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

**ମୁରିବାହାଲ,୧୩।୬(ଡି,ଏନ,ଏ)**




ଅତିଥିଙ୍କ ଗହଣରେ ଚାମ୍ପିୟନ ଯମୁନା ଦଳର ଖେଳାଳିମାନେ।

ବଲାଙ୍ଗୀର ଜିଲା ମୁରିବାହାଲ ସଦର ମହକୁମା ଘଣ୍ଟାବାହଲ ଖେଳ ପଡିଆରେ ଚାଲିଥିବା ୭ ବାର୍ଷିକ ଅଣାକାର ଜଗଦଲା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇ ଯାଇଛି। ଏହିରେ ଯମୁନା ଦଳ ଚାମ୍ପିୟନ ହୋଇଛି। ଜୟ ହନୁମାନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ଖେଳ ଘଣ୍ଟାବାହଲ ଓ ଯମୁନା ଦଳ ମଧ୍ୟରେ ହୋଇଥିଲା। ଘଣ୍ଟାବାହଲ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତେ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଜବାବରେ ଯମୁନା ଦଳ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ଧନେଶ୍ୱର ମାଝି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥିଭାବେ ସ୍ୱର୍ଗତ ଜଗଦଲାଙ୍କ ସହଧର୍ମିଣୀ ସବିତା ଜଗଦଲା, ଏମ୍‌ପି ପ୍ରତିନିଧି ଶ୍ରୀବସ୍ତ ବେହେରା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ବିଶିଷ୍ଟ କ୍ରୀଡ଼ାବିତ ରାଜୁ ବାରିକ, ମହେଶ୍ୱର ଛୁରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୮୮୮୮ ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୫୫୫୫ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ଜିତୁ ସିକା, ଶ୍ରେଷ୍ଠ ଫିଲ୍ଡର ସୁମନ୍ତ ମହାଲିଙ୍ଗ, ମ୍ୟାନ ଅଫ ଦ ମ୍ୟାଚ ଭିକାରି ସିକା, ଶ୍ରେଷ୍ଠ ବ୍ୟାଟସମ୍ୟାନଭାବେ ପ୍ରହଲ୍ଲାଦ ସିକାଙ୍କୁ ବିବେଚନା କରାଯାଇଥିଲା। ବ୍ୟାସଦେବ ଛୁରା, ମିଥୁନ ଛୁରା ଅମ୍ପେୟାର, ସ୍କୋରର ପୃଥିବୀ ମହାଲିଙ୍ଗ, ଧରା ବିବାରଣୀ ପ୍ରଦାନ କରିଥିଲେ ଲିଲୁମୋହନ ପଧାନ। ଟୁର୍ନାମେଣ୍ଟର ସଫଳ ରୂପାୟନରେ ସୁରେନ୍ଦ୍ର ଛୁରା, ରାଜୀବ ଛୁରା, ରାଜା ଛୁରା, ଡୁଲମଣି ଛୁରା ସହଯୋଗ କରିଥିଲେ।

## ଅଜଣା ଯୁବକଙ୍କ ମୃତଦେହ ଜବତ

ଅତାବିରା,(ଡି.ଏନ.ଏ): ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ରାସ୍ତାର ତୁରୁମ ନିକଟରେ ସୋମବାର ଭେଡ଼େନ ଥାନା ରୁକ୍ସୁଡ଼ା ଫାଣ୍ଡି ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ତେବେ ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ତାହା ଦୁର୍ଘଟଣାଜନିତ କିମ୍ବା ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୨) ରୁଜୁ କରିଛି। ଉକ୍ତ ଘଟଣା ନେଇ ଅଧିକ ତଦନ୍ତ ଚାଲିଛି ଏବଂ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରୁକ୍ସୁଡ଼ା ଫାଣ୍ଡି ଅଧିକାରୀ ଅରୂପ କୁମାର ବରେଇ କହିଛନ୍ତି।

## ସଂକ୍ଷେପରେ

### ଘରେ ପାଠପଢ଼ା ପରଖିଲେ ବିଇଓ


ଭଟଲି ବିଇଓ ଜଣେ ଛାତ୍ରୀଙ୍କ ଘରକୁ ଯାଇ ପାଠପଢ଼ା ପରଖୁଛନ୍ତି ।

**ବରଗଡ଼ ଅଫିସ୍,୧୩।୬:** ପାଠପଢ଼ା ପ୍ରତି ଛାତ୍ରୀଛାତ୍ର ଯେଭଳି ମୁହଁ ଫେରାଇବେ ନାହିଁ ସେଥିପ୍ରତି ଦୃଷ୍ଟି ଦେଇ ଗ୍ରୀଷ୍ମ ଅବକାଶରେ ମଧ୍ୟ ଘରେ ପିଲାଙ୍କ ପାଠପଢ଼ା ପ୍ରତି ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଘରେ ଦୈନିକ ଗୋଟିଏ ପୃଷ୍ଠା ଇଂରାଜୀ, ଗୋଟିଏ ପୃଷ୍ଠା ଓଡ଼ିଆ ଲେଖିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକଙ୍କୁ ମଧ୍ୟ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ କିଭଳି ଚାଲିଛି, ତାହା ପରଖିବା ପାଇଁ ସୋମବାର ଭଟଲି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସରୋଜ ଭୁଏ ଛାତ୍ରୀଛାତ୍ରଙ୍କ ଘରକୁ ପହଞ୍ଚି ସେମାନଙ୍କ ପାଠପଢ଼ା ପରଖିଥିଲେ । ଏହା ସହିତ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଭେଟି ଛୁଟି ସମୟରେ ପିଲାମାନେ ଯେଭଳି ଘରେ ପାଠପଢ଼ାରେ ଅବହେଳା ନ କରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ ।

### ଭାଗବତ ପାରାୟଣ ସମ୍ପନ୍ନ

**ବରଗଡ଼ ଅଫିସ୍,୧୩।୬:** ବରଗଡ଼ ବ୍ଲକ ଅଧୀନ ବଗେଇବିରା ଗ୍ରାମର ହରିଜନ ପଡ଼ାରେ ମହିଳାଙ୍କ ଦ୍ୱାରା ଆୟୋଜିତ ଭାଗବତ କଥା ପାରାୟଣ ରବିବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ସମାରୋହରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଗବତ ସଂସ୍କୃତିର ସୁରକ୍ଷା ପାଇଁ ମହିଳାମାନେ ଆଗେଇ ଆସିଥିବା ଯୋଗୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୂପାପାଲି ଏବଂ ମନାପଡ଼ାର ମହିଳା ସଂକୀର୍ତ୍ତନ କଳାକାରମାନେ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଅତିଥି ଭାବେ ଯୋଗଦାନ କରି କଳାକାର ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସୁବାସିନୀ ତାଣ୍ଡି, ସୌଦାମିନୀ ଭୁଏ, ୱାର୍ଡ଼ସଭ୍ୟା ସନ୍ତୋଷିନୀ କୁଅଁର, ଲତା କୁଅଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟୁତ୍ ଶ୍ରମିକଙ୍କ ସୁରକ୍ଷାକୁ ଗୁରୁତ୍ୱ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼ ଅଫିସ୍,୧୩।୬:** ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ, ପଶ୍ଚିମ ଓଡ଼ିଶା ଶାଖାର ବରଗଡ଼ ସର୍କଲସ୍ତରୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମହାସଂଘ କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ସାଧାରଣ ସମ୍ପାଦକ ଅମର କୁମାର ପ୍ରତାପ ସିଂହଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ବୈଠକକୁ ପଶ୍ଚିମ ଓଡ଼ିଶା ସମ୍ପାଦକ ତାପସ ନାଥ ପରିଚାଳନା କରିଥିଲେ। ସଂଘ ଉପସଭାପତି ଅରବିନ୍ଦ ଛତ୍ରିଆ, ସଙ୍ଗଠନ ସମ୍ପାଦକ ଜୟଦେବ ମିଞ୍ଜ, ସର୍କଲ ସମ୍ପାଦକ ବିଭୀଷଣ ମେହେର, ଡିଭିଜନ ସମ୍ପାଦକ ଧରଣୀଧର ସାହୁ, ଅକ୍ଷୟ ମେହେର, ଅମିତ ସାହୁ, ମାଧବୀ ବାଦୀ ପ୍ରମୁଖ ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ବିଦ୍ୟୁତ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ସମାଧାନ ଉପରେ ଆଲୋଚନା ହୋଇଥିଲା। ବିଦ୍ୟୁତ ଶ୍ରମିକମାନେ ନିର୍ଯାତିତ ନ ହେବା, ଉଚିତ ପ୍ରାପ୍ୟ ପାଇବା, ସୁରକ୍ଷା ଆଦିକୁ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟୁତ ଶ୍ରମିକଙ୍କ ସମସ୍ୟାର ସମାଧାନ ନ ହେଲେ ରାଜ୍ୟ ସରକାର ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପରବର୍ତ୍ତୀ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା।

# ସର୍ବନିମ୍ନ ମଜୁରି, ବକେୟା ଇପିଏଫ୍ ଦିଅ

**ସୋନପୁର,୧୩।୬(ନି.ପ୍ର.)**



ସୋନପୁରରେ ବାଲାଜୀ ଗଣପତି ସ୍ପିନିଂ ମିଲ୍ ଶ୍ରମିକଙ୍କ ରାଲି।

## ଜିଲାପାଳଙ୍କୁ ସ୍ପିନିଂ ମିଲ୍ ଶ୍ରମିକ ସଂଘର ସ୍ମାରକପତ୍ର

ସୋନପୁର ବାଲାଜୀ ଗଣପତି ସ୍ପିନିଂ ମିଲ୍‌ରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। ମିଲ୍ କର୍ତ୍ତୃପକ୍ଷ କାର୍ଯ୍ୟରତ ଶ୍ରମିକମାନଙ୍କୁ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପ୍ରଦାନ କରୁନାହାନ୍ତି। ଶ୍ରମିକଙ୍କ ବକେୟା ଇପିଏଫ୍ ଜମା କରାଯାଉନାହିଁ। ପ୍ରତିବାଦରେ ବାଲାଜୀ ଗଣପତି ସ୍ପିନିଂ ମିଲ୍ ଶ୍ରମିକ ସଂଘ ପକ୍ଷରୁ ସୋନପୁର ସହରରେ ସୋମବାର ରାଲି କରାଯାଇଛି। ରାଲି ସ୍ପିନିଂ ମିଲ୍ ସମ୍ମୁଖରୁ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ମିଲ୍ କର୍ତ୍ତୃପକ୍ଷ ବେଆଇନ ଭାବେ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କୁ କମ୍ ମଜୁରି ପ୍ରଦାନ କରୁଛନ୍ତି। ବକେୟା ଇପିଏଫ୍ ପ୍ରଦାନ କରା ଯାଉ ନ ଥିବା ବେଳେ ମିଲ୍ ମାଲିକ ୯ ମାସର ଏମ୍ପ୍ଲୋୟର ଶେୟାର ଜମା କରିନାହାନ୍ତି। ସେହିପରି ମିଲ୍‌କୁ ଠିକ୍ ଭାବେ କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ଏବେ ମାତ୍ର ୫୦ ଜଣ ଶ୍ରମିକ କାମ କରୁଛନ୍ତି। ୨୦୦୭ରେ ବେସରକାରୀ ପ୍ରତିଷ୍ଠାନ କଲିକତାର ଫିରୋଜ ସୂତାକଳର ମାଲିକ ବିଜୟ ଅଗ୍ରୱାଲା ଏହି ମିଲ୍‌ର ପରିଚାଳନା ଦାୟିତ୍ୱ ନେଇଥିଲେ। ସେ ସମୟରେ ୫୬ ଖଣ୍ଡ କ୍ଷମତା ପୂର୍ଣ୍ଣ ରିଙ୍ଗ ଫ୍ରେମ୍, ୧୫ଖଣ୍ଡ ସିମ୍ପ୍ଲେକ୍ସ ମେଶିନ, ୩୦ଖଣ୍ଡ କାର୍ଡିଂ ମେଶିନ ଓ ଅନେକ ମେଶିନ ମହଜୁଦ୍ ଥିଲା। ମାତ୍ର ବର୍ତ୍ତମାନ ୧୫ ଖଣ୍ଡ ରିଙ୍ଗ ଫ୍ରେମ୍ ଚାଲୁ ଅବସ୍ଥାରେ ଅଛି। ତେଣୁ ମିଲ୍‌କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସଂଘ ଦାବି କରିଛି। ଆସନ୍ତା ୧ ମାସ ମଧ୍ୟରେ ଦାବିଗୁଡ଼ିକ ପୂରଣ ନ ହେଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଂଘ ଉପଦେଷ୍ଟା ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ସଂଘ ସଭାପତି ଯୋଗେନ୍ଦ୍ର ପ୍ରସାଦ ପଣ୍ଡା, ଉପସଭାପତି ସୁରୁବାବୁ ସରଭଙ୍ଗ, କାର୍ଯ୍ୟକାରୀ ସଭାପତି ଶ୍ରୀରାମ ବାଘ, କାର୍ଯ୍ୟକାରୀ ଉପସଭାପତି ବିପିନ ବାଘ, ସାଧାରଣ ସମ୍ପାଦକ ଧବଳେଶ୍ୱର କୁମ୍ଭାର, ଦାଶରଥୀ ଜଗଦଲା, ଅନାଦି ବଣ୍ଡକି, ନରେନ୍ଦ୍ର ସୁନା, ଶ୍ରଦ୍ଧାଞ୍ଜଳି ମିଶ୍ର, ପୂର୍ଣ୍ଣିମା ସା ଓ ବ୍ୟାସଦେବ ଭରଦ୍ୱାଜ ମିଶ୍ର ଆନ୍ଦୋଳନରେ ସାମିଲ ଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଜଗଦୀଶ ପଧାନଙ୍କୁ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

**ବିନିକା,୧୩।୬(ଡି.ଏନ.ଏ)**

## ୮୭ ଅଭିଯୋଗର ତତ୍କାଳ ସମାଧାନ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହରେ ସୋମବାର ଜିଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଆବୋଲୀ ସୁନୀଲ ନରୱଣେ ଏବଂ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୋଗ ଦେଇଥିଲେ। ଶିବିରରେ ୧୩୨ ଅଭିଯୋଗ ଆଗତ ହୋଇଥିଲା । ସେଥିରୁ ୧୩୦ ବ୍ୟକ୍ତିଗତ ଓ ୨ଟି ସାମୂହିକ ଅଭିଯୋଗ ରହିଥିଲା। ୮୭ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ୪୫ ଅଭିଯୋଗ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ଓ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ୩ ଅସହାୟ ପିଲାଙ୍କ ପୃଷ୍ଟପୋଷକତା ଯୋଜନା ମୁତାବକ ୫ମାସର ଅନୁକମ୍ପା ରାଶି ୧୦ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଥିଲା। ସେମାନେ ହେଲେ ବିନିକା ବ୍ଲକ କମିରା ଗ୍ରାମର ପ୍ରୀୟାଂଶୁ ମହାକୁର,ଗଡଗଡବାହାଲ ଗାଁର ଜଗଦୀଶ ପଧାନ ଓ ପଧାନପାଲି ଗ୍ରାମର ପ୍ରିୟଙ୍କା ବାଘ। ବିଡିଓ ବ୍ୟାସଦେବ ବେହେରାଙ୍କ ତତ୍ତ୍ୱାବଧାନକ୍ରମେ ଆୟୋଜିତ ଶିବିରରେ ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ଜିଲା ଗ୍ରାମ୍ୟ ଜଳ ଏବଂ ପରିମଳ ନିର୍ବାହୀ ଯନ୍ତ୍ରୀ ଇଂ ବିଭୁପ୍ରସାଦ ପଣ୍ଡା, ବିନିକା ବ୍ଲକ ଅଧ୍ୟକ୍ଷା ଦିପ୍ତୀରେଖା ନନ୍ଦ, ଉପାଧ୍ୟକ୍ଷ ନିର୍ମଳ ଷାଣ୍ଡ, ଜିଲାସ୍ତରୀୟ ଅଧିକାରୀ,ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀପ୍ରମୁଖ ଯୋଗ ଦେଇଥିଲେ ।

# ୩ ମାସ ହେଲା ଜଳଯୋଗାଣ ବନ୍ଦ

**ଅମରପାଲି,୧୩।୬(ଡି.ଏନ.ଏ.)**


ବାବୁପାଲି ଗ୍ରାମର ଅଚଳ ସୋଲାର ଜଳ ପ୍ରକଳ୍ପ।

- ସୋଲାର ନଳକୂପ ଅଚଳ
- ପାଣି ପାଇଁ ହନ୍ତସନ୍ତ ବାବୁପାଲିର ୩୫ ପରିବାର

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ପଞ୍ଚାୟତ ଅନ୍ତର୍ଗତ ବାବୁପାଲି ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସଙ୍କଟ। ଗ୍ରାମରେ ଥିବା ସୋଲାର ଜଳ ଯୋଗାଣ ପ୍ରକଳ୍ପ ଗତ ୩ମାସ ହେଲା ଅଚଳ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଉକ୍ତ ପ୍ରକଳ୍ପ ମରାମତି କରାଯାଉ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପ୍ରାୟ ୩୫ ପରିବାର ବିଶିଷ୍ଟ ଉକ୍ତ ଗ୍ରାମରେ ପୂର୍ବରୁ ପାନୀୟ ଜଳ ସଙ୍କଟ ଥିଲା। ସେଥିପାଇଁ ଗ୍ରାମରେ ସୋଲାର ନଳକୂପ ସ୍ଥାପନ କରି ଜଳ ଯୋଗାଣ କରାଗଲା। ଏହା ସହିତ ଲୁଡୁରପଙ୍କ ଗ୍ରାମରେ ପାଣି ଟାଙ୍କି ନିର୍ମାଣ କରି ପାଇପ ଲାଇନ ବିଛାଯାଇଥିଲା। ଲୁଡୁରପଙ୍କରୁ ବାବୁପାଲିକୁ ପାଇପ ଲାଇନ ସାହାଯ୍ୟରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଏପରିକି ଷ୍ଟାଣ୍ଡପୋଷ୍ଟ ମଧ ଲାଗିଛି। ମାତ୍ର ଦିନେ ବି ଏହା ସାହାଯ୍ୟରେ ଜଳ ଯୋଗାଣ ହୋଇପାରି ନାହିଁ। ଫଳରେ ଗ୍ରାମର ସମସ୍ତ ଲୋକ ସୋଲାର ନଳକୂପ ଉପରେ ନିର୍ଭର କରୁଥିଲେ। ଏବେ ୩ମାସ ହେଲା ସୋଲାର ନଳକୂପ ଅଚଳ ହେବା ଫଳରେ ପାଣି ପାଇଁ ଲୋକେ ହଇରାଣ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏହାକୁ ମରାମତି କରିବାକୁ ଦାବି ହେଉଛି।

# ବ୍ଲକସ୍ତରୀୟ ପ୍ରଥମ ଶିକ୍ଷା ସମୀକ୍ଷା ବୈଠକ

**ବୌଦ୍ଧ,୧୩।୬(ସ୍ୱ.ପ୍ର.)**

ବୌଦ୍ଧ ବ୍ଲକସ୍ତରୀୟ ଜୁନମାସର ପ୍ରଥମ ଶିକ୍ଷା ସମୀକ୍ଷା ବୈଠକ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟ ଖୋଲିବା ପ୍ରଥମ ଦିନ ଜୁନ ୧୭ରୁ ୨୦୨୨-୨୩ ବର୍ଷର ପ୍ରଥମ ଦିନ ଧରାଯିବ। ପ୍ରଥମ ଦିନରେ ପ୍ରଧାନ ଶିକ୍ଷକମାନେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଶିକ୍ଷଣ ପ୍ରସ୍ତୁତି ବୈଠକ କରିବେ। ପାଠ୍ୟ ଯୋଜନା, ବିଷୟ ଅନୁସାରେ ଓ ଶ୍ରେଣୀ ଅନୁସାରେ ସମୟ ସାରଣୀ ପ୍ରସ୍ତୁତ କରିବା ସହିତ ନିୟମିତ ଲେସନ ଡାଏରୀ ଲେଖିବେ। ପ୍ରତି ଶ୍ରେଣୀ ଗୃହରେ ସମୟ ସାରଣୀ ଲଗାଇବେ। ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଅନାବଶ୍ୟକ ସାମଗ୍ରୀ ରଖିବେ ନାହିଁ। ପ୍ରଧାନ ଶିକ୍ଷକ ଶ୍ରେଣୀ ତଦାରଖ କରିବେ ଓ ପ୍ରତି ମାସର ଦ୍ୱିତୀୟ ଶନିବାର ଅଭିଭାବକ ବୈଠକ କରିବେ। ହରିପୁର, ଓଲଣ୍ଡା, ଖାରମୁଣ୍ଡା, ପଞ୍ଜନା, ନୂଆପାଲି, ରସ୍କା, ସୁନାଝରୀ, ପାଟଲିପଡା. ଇାହଯୋଗର, ହିଲୁଙ୍ଗ, ଗୋବିନ୍ଦପୁର, ଟୁଟୁସିଙ୍ଗା, କାଦପଦର, ପଦ୍ମପୁର, ଦେଓବନ୍ଧ, କୁମରକାନି, ବୁଟୁପାଲି, କରଡାପଡା ଆଦି ବିଦ୍ୟାଳୟଗୁଡ଼ିକ ଘରୋଇ ବ୍ୟକ୍ତିଙ୍କ ନାମରେ ବିଦ୍ୟାଳୟ ଜମି ରହିଥିବାରୁ ଉକ୍ତ ଜମିକୁ ବିଦ୍ୟାଳୟ ନାମରେ କରିବାକୁ ପରାମର୍ଶ ଦେଇଥିଲେ। ବିଇଓ କମଳାକାନ୍ତ ଦଳବେହେରା,ବେସଲାଇନ ପରୀକ୍ଷଣ ଓ ମୋ ସ୍କୁଲ ଅଭିଯାନରେ ବ୍ୟୟ ବିବରଣୀ ଉପରେ ଆଲୋଚନା କରିଥିଲେ। ଅଖିଳ କୁମାର ପ୍ରଧାନ ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନ ଉପରେ ଆଲୋଚନା କରିଥିଲେ। ସିଆରସିସି ରାଜକୁମାର ପ୍ରଧାନ ମୋ ସ୍କୁଲ ଅଭିଯାନରେ ଯେଉଁ ପ୍ରୋଜେକ୍ଟ କାମ ସରିଛି ତାର ୟୁସି ପ୍ରଦାନ କରିବା ଓ ନୂତନ ପ୍ରୋପଜାଲ ଅନ୍‌ଲାଇନ ମାଧ୍ୟମରେ କରିବାକୁ ପଡିବ ବୋଲି ସୂଚନା ଦେଇଥିଲେ। ସିଆରସିସି ଲବ କିଶୋର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୫-ଟି ସଚିବଙ୍କୁ ଭେଟିଲେ ବ୍ଲକ ଅଧ୍ୟକ୍ଷା


୫-ଟି ସଚିବଙ୍କ ସହିତ ବରଗଡ଼ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଆଲୋଚନା।

**ବରଗଡ଼ ଅଫିସ୍,୧୩।୬**

ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କେ. ପାଣ୍ଡିୟାନଙ୍କୁ ସୋମବାର ବରଗଡ଼ ବ୍ଲକ ଅଧ୍ୟକ୍ଷା ନଳିନୀ ପାଣ୍ଡେ ଏବଂ ଉପାଧ୍ୟକ୍ଷ ଉମେଶ ପଣ୍ଡା ଭେଟିଛନ୍ତି। ସାକ୍ଷାତ ଆଲୋଚନାରେ ସେମାନେ ବରଗଡ଼ ବ୍ଲକର ବହୁବିଧ ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକାଭିମୁଖୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ଉପରେ ସଚିବ ପାଣ୍ଡିୟାନ ଗୁରୁତ୍ୱାରୋପ କରିଥିଲେ। ବରଗଡ଼ ବ୍ଲକର ବିକାଶ ଦିଗରେ ନିଆଯାଉଥିବା ପଦକ୍ଷେପ ଉପରେ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ସଚିବଙ୍କୁ ସୂଚନା ଦେଇଥିଲେ।

# ଆଦର୍ଶ ସ୍କୁଲ ନିର୍ମାଣକୁ ନେଇ ଦ୍ୱନ୍ଦ୍ୱ


ବୈଠକରେ ଉପସ୍ଥିତ ଗ୍ରାମବାସୀ।

**ଜାମଟିକ୍ରା, ୧୩।୬(ଡି.ଏନ.ଏ.)**

## କାମ ବନ୍ଦ ନିର୍ଦ୍ଦେଶ ଦେଲେ ଉପଜିଲାପାଳ

ଅତାବିରା ବ୍ଲକ ସଭାଗୃହରେ ଆଦର୍ଶ ସ୍କୁଲ ପାଇଁ ତହସିଲଦାର ସୌଭାଗ୍ୟ ବେହେରାଙ୍କ ସଭାପତିତ୍ୱରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ବିଡିଓ ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇ ଆଦର୍ଶ ସ୍କୁଲ ନିର୍ମାଣକୁ ନେଇ ରହିଥିବା ବିବାଦ ଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଲହଣ୍ଡାରେ ଆଦର୍ଶ ସ୍କୁଲ ହେବ ବୋଲି ୨୦୧୯ରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଘୋଷଣା ପରେ ଜମି ଚିହ୍ନଟ ସହ ତାରବାଡ ଦିଆଯାଇଛି। ଏବେ ଲହଣ୍ଡା ଆଦର୍ଶ ସ୍କୁଲ ନାମରେ ୬୦ଜଣ ଛାତ୍ରୀଛାତ୍ର ନାମ ଲେଖାଇ ସାରିଛନ୍ତି। ତେଣୁ ଲହଣ୍ଡାରେ ଆଦର୍ଶ ସ୍କୁଲ ନିର୍ମାଣ ପାଇଁ ଗୋଡଭଗା ଅଞ୍ଚବାସୀ ଦାବି ଜଣାଇଥିଲେ। ଅନ୍ୟପଟେ ସରକାରୀ ସ୍ତରରେ ଅତାବିରା ଏନଏସି ଅଧୀନ ଭୋଇପୁରାରେ ଆଦର୍ଶ ସ୍କୁଲ ନିର୍ମାଣ କାମ ଚାଲିଛି ବୋଲି ଅତାବିରାବାସୀ ଯୁକ୍ତି ଉପସ୍ଥାପନ କରିଥିଲେ। ଉଭୟ ଗ୍ରାମବାସୀଙ୍କ କଥା ଶୁଣିବା ପରେ ଉପଜିଲାପାଳ ସାମଲ ଭୋଇପୁରା ଆଦର୍ଶ ସ୍କୁଲ ନିର୍ମାଣ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ପୁଣି ଥରେ ଏ ବିଷୟରେ ଆଲୋଚନା କରାଯିବ ବୋଲି କହିଥିଲେ। ବୈଠକରେ ଗୋଡଭଗା ଓ ଅତାବିରା ଅଞ୍ଚଳର ହାରାଧନ ବାରିକ, ଦୟାସାଗର ମେଣ୍ଡଲୀ, ସଦାଶିବ ପଧାନ, ସୁରେଶ ଦାସ, ସତୀଶ ଦାସ, ମୁଲଜୀ ପଧାନ, ନିଶିକାନ୍ତ ପଣ୍ଡା, ସାନ୍ତ୍ୱନା ସାହୁ, ସୁରେନ୍ଦ୍ର ସ୍ୱାଇଁ, ଦଶରଥ ଭୋଇ, ବିକାଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# କଲେଜ ମୁଖବନ୍ଧ ଉନ୍ମୋଚିତ


ଅତିଥିବୃନ୍ଦ କଲେଜର ମୁଖବନ୍ଧ ଉନ୍ମୋଚନ କରୁଛନ୍ତି।

**ବରଗଡ଼ ଅଫିସ୍,୧୩।୬**

ବରଗଡ଼ ଜିଲା ଖୁଣ୍ଟପାଲି ସ୍ଥିତ ବାବା ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ କଲେଜରେ ରବିବାର ମୁଖବନ୍ଧ ଉନ୍ମୋଚିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ବେଲାରସେନ ମେହେର, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ସମିତିସଭ୍ୟ ଦେବେଶ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୁଖବନ୍ଧ ଉନ୍ମୋଚନ କରିଥିଲେ। ଅଧ୍ୟକ୍ଷ ମନୋଜ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଇବର ଅପରାଧ ରୋକିବାକୁ ଗୁରୁତ୍ୱ


ଅତାବିରାରେ ଅନୁଷ୍ଠିତ ଆମ ପୋଲିସ ସମିତି କାର୍ଯ୍ୟକ୍ରମ।

**ଅତାବିରା,୧୩।୬(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ସାପ୍ତାହିକ ବଜାର ପରିସରରେ ସୋମବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତାବିରା ପୋଲିସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ସାଇବର ଅପରାଧ ବଢ଼ି ଚାଲିଥିବାରୁ ତାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ, ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଅତାବିରା ଥାନାଧିକାରୀ ଅନିଲ କୁମାର ପ୍ରଧାନ ଯୋଗଦେଇ ସାଇବର ଅପରାଧ ରୋକିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ପୂର୍ବତନ ସରପଞ୍ଚ ଦୈତାରୀ ପ୍ରଧାନ, ଲାଦେରପାଲି ରାମଚଣ୍ଡୀ ମନ୍ଦିର କମିଟି ସଭାପତି ଦିବାକର ପ୍ରଧାନ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ସୁଶାନ୍ତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏସ୍‌ଆଇ ଯାଦବ ବାଗ, ଲଳିତ ନାଗ ଏବଂ ଅନ୍ୟ ପୋଲିସ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲ୍ୟବିବାହ ନିରାକରଣକୁ ଗୁରୁତ୍ୱ

**ବିନିକା/ସୋନପୁର,୧୩।୬ (ନି. ପ୍ର/ଡି.ଏନ୍.ଏ)**

## ସରପଞ୍ଚଙ୍କ ସହ ଜିଲାପାଳ, ଏସ୍‌ପିଙ୍କ ବୈଠକ

- ଅଧାରୁ ପାଠ ଛାଡ଼ିଥିବା କିଶୋରଙ୍କୁ ବିଦ୍ୟାଳୟ ଫେରାଇ ଆଣିବା ଚିନ୍ତା

ବିନିକା ବ୍ଲକ ପ୍ରଶାସନ ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନର ମିଳିତ ସହଯୋଗରେ ବିନିକା ବ୍ଲକ ସଭାଗୃହଠାରେ ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ନିରାକରଣ ନିମନ୍ତେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୬ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ସହ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ବୈଠକରେ ଉପସ୍ଥିତ ଥିଲେ। ଜିଲାପାଳ ଅବୋଲି ସୁନୀଲ ନରୱଣେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ବ୍ଲକ ସ୍ତରରେ ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ସମ୍ପର୍କରେ ଉପସ୍ଥିତ ସରପଞ୍ଚଙ୍କ ସହ ଆଲୋଚନା କରି ବାଲ୍ୟବିବାହ ଓ କିଶୋରୀ ମାତୃତ୍ୱକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ। ଏହାସହିତ ଅଧାରୁ ପାଠ ଛାଡିଥିବା କିଶୋରଙ୍କୁ କିପରି ପୁନର୍ବାର ବିଦ୍ୟାଳୟକୁ ଫେରାଇ ଅଣାଯିବ ତା ' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାଲ୍ୟବିବାହ ତଥା କିଶୋରୀ ମାତୃତ୍ୱକୁ ବନ୍ଦ ପାଇଁ ସରପଞ୍ଚମାନେ ନିଜ ପଞ୍ଚାୟତ ସ୍ତରରେ ବିଭିନ୍ନ ବୈଠକ କରି ସଚେତନତା କରିବା ସହ ପ୍ରତି ମାସ ନିଜ ପଞ୍ଚାୟତରେ କୌଣସି ବାଲ୍ୟବିବାହ ହେଉ ନାହିଁ ବୋଲି ପ୍ରମାଣପତ୍ର ପ୍ରଦାନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ବାଲ୍ୟବିବାହର ଆଇନଗତ ଦିଗ ଓ ଶିଶୁ ଯୌନ ନିର୍ଯାତନା ଅଧୀନରେ ଆସୁଥିବା ଦଣ୍ଡବିଧାନ ଉପରେ ଆଲୋକପାତ କରିଥିଲେ। ସରପଞ୍ଚମାନଙ୍କ ସହଯୋଗରେ ବାଲ୍ୟ ବିବାହକୁ ବ୍ଲକରେ ସମ୍ପୂର୍ଣ୍ଣ ବନ୍ଦ କରା ଯାଇପାରିବ ବୋଲି ଆଶାପ୍ରକାଶ କରିଥଲେ। ବର୍ତ୍ତମାନ ବିନିକା ବ୍ଲକର ୧୬ପଞ୍ଚାୟତ ଓ ବିନିକା ଏନଏସିରେ ଅଧାରୁ ପାଠ ଛାଡିଥିବା ୧୭୦ଜଣ କିଶୋରୀ ୩୩୬ ଜଣ କିଶୋର ରହିଛନ୍ତି। ସେହିପରି ୬୮ କିଶୋରୀ ମାତୃତ୍ୱ ଥିବା ପରିସଂଖ୍ୟାନରୁ ଜଣାପଡିଛି। କିଶୋରୀ ମାତୃତ୍ୱ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହେତୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଉପରେ ଜିଲାପାଳ ନରୱଣେ ଗୁରୁତ୍ୱ ଦେବା ସହ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବ୍ଲକ ଅଧକ୍ଷା ଦୀପ୍ତିରେଖା ନନ୍ଦ, ଉପାଧ୍ୟକ୍ଷ ନିର୍ମଳ ଷାଣ୍ଢ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ୟାସଦେବ ବେହେରା, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ମଧୁସୂଦନ ପ୍ରଧାନ, ସମାଜ କଲ୍ୟାଣ ଅଧିକାରୀ ଗୌରମଣି ହାଁସଦା, ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ବାଲ୍ୟ ବିବାହ ପରାମର୍ଶଦାତା ତଥା ଏକ୍ସନଏଡ୍‌ର ରାକେଶ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସିଡିପିଓ, ସୁପରଭାଇଜର ତଥା ବ୍ଲକ ଅନ୍ତର୍ଗତ ସମସ୍ତ ସରପଞ୍ଚ, ଜିପିଇଓ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ନିଜ ନିଜସ୍ତରରେ ସଶକ୍ତ ଭାବେ ପଦକ୍ଷେପ ନେଇ କାର୍ଯ୍ୟ କରିବା ଉପରେ ମତ ପ୍ରଦାନ କରିଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ, ୫ ଅଟକ

ଜମନକିରା (ଡି.ଏନ.ଏ.): ଜମନକିରା ଥାନା ଅଞ୍ଚଳ ଦେଇ ଏକ ପିକ୍‌ଅପ ଭ୍ୟାନରେ ସୋମବାର ଗୋରୁ ଚାଲାଣ ହେଉଥିବା ବେଳେ ଦେବସେନା ପକ୍ଷରୁ ଗାଡି ଅଟକାଯାଇ ପୋଲିସ ଜିମା ଦିଆଯାଇଛି। ଦେବଗଡ଼ ଅଞ୍ଚଳର ଏହି ଭ୍ୟାନ (ଓଡି୨୮ଏ-୮୮୯୨) ଗୋରୁ ବୋଝେଇ କରି ଆସୁଥିବା ଦେବସେନା କର୍ମୀ ସୂଚନା ପାଉଥିଲେ। ଟିକିଲିପଡ଼ା ଛକରେ କର୍ମୀମାନେ ଭ୍ୟାନ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡି ସହ ଏଥିରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଆଜି କ'ଣ କେଉଁଠି

ସମ୍ବଲପୁର
- ସ୍ନାନ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର ସ୍ନାନ ମଣ୍ଡପ, ପୂର୍ବାହ୍ନ ୯ଟା।

### ସଂକ୍ଷେପରେ

## ସୋନାପାଲି ଅଞ୍ଚଳରେ ପାନୀୟ ଜଳ ସମସ୍ୟା

**ସମ୍ବଲପୁର,୧୩।୬(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ୱାର୍ଡ ନମ୍ବର ୩୧ ଓ ୩୩(ସୋନାପାଲି) ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ସମ୍ପ୍ରତି ଏହି ଅଞ୍ଚଳକୁ ଅମୃତ ଯୋଜନାରେ ସାମିଲ କରାଯାଇଛି। ସମସ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ ଜଳ ଯୋଗାଣ ହୋଇପାରୁ ନାହିଁ। ଯଦ୍ୱାରା ସୋନାପାଲି, ଦାରୁମଉଲମ ମାଦ୍ରାସା ଗଳି, ରାଜାନଗର, ଫରେଷ୍ଟ କଲୋନୀ, କ୍ଷେତିପଡା, ଗୋସିୟାମହଲା ଅଞ୍ଚଳର ଜନସାଧାରଣ ପାନୀୟ ଜଳ ପାଇପାରୁ ନାହାନ୍ତି। ଏହି ଅଞ୍ଚଳରେ ଶୀଘ୍ର ଅମୃତ ଧାରା ଯୋଜନା କାର୍ଯ୍ୟକାରୀ କରିବାକୁ ସୋମବାର ଆଲା ହଜରତ ୱେଲଫେୟାର କମିଟି ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏକସପ୍ତାହ ମଧରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ଏସ୍‌ଡିଓ ଗୁଲସନ ସାହୁ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ଦଳରେ ମହମ୍ମଦ ବବ୍‌ଲୁ, ଆତିଫ ଆଲାମ, ମହାମ୍ମଦ ଇଦୁ, ମୌଲାନା କାଶିଫ ରାଜା, ମହମ୍ମଦ ମିର୍‌ଜା, ମହମ୍ମଦ ଗୋଉସ, ମହମ୍ମଦ ଅମାନୁଲ୍ଲା, ମହମ୍ମଦ ୱାସିମ, ମହମ୍ମଦ ଆକବର ସାମିଲ ଥିଲେ।

## କଂଗ୍ରେସ କାର୍ଯ୍ୟାଳୟରେ ନବ ସଂକଳ୍ପ ଶିବିର

**ସମ୍ବଲପୁର,୧୩।୬(ବ୍ୟୁରୋ):** ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ସୋମବାର ନବ ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଶ୍ୱିନୀ କୁମାର ଗୁରୁ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ରାଜକିଶୋର ଷଡଙ୍ଗୀ ଯୋଗଦେଇ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ପ୍ରତି ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ୍ ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି, ବେରୋଜଗାରି ବିରୁଦ୍ଧରେ ଙ୍ଦଳ ସଂଗ୍ରାମ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।। ଅନ୍ୟମାନଙ୍କ ମଧରେ ଦୁର୍ଯ୍ୟୋଧନ ଗର୍ଡିଆ, ନିରଞ୍ଜନ ତ୍ରିପାଠୀ, ସୁତପା ମିତ୍ର, ପ୍ରେମପ୍ରକାଶ ସାହାଣୀ, ସୁବାସ ବିଶ୍ୱାଳ, ସଞ୍ଜୀବ ଗର୍ଡିଆ, ଜିତେନ୍ଦ୍ର ପ୍ରଧାନ, ଶିବ ପ୍ରଧାନ, ଯଶବିର ସିଂ, ଅଖିଳ ପ୍ରତାପ ସିଂ, ବିନୋଦିନୀ ଦୀପ, ଇନ୍ଦ୍ର ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ଦେବଗଡ଼,୧୩।୬ (ଡି.ଏନ୍.ଏ.):** ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ଜଣେ ମହିଳା(୩୮)ଙ୍କୁ ବଳାତ୍କାର ଅଭିଯୋଗରେ ଦେବଗଡ଼ ପୋଲିସ ଜଣେ ନାବାଳକ (୧୭)ଙ୍କୁ ଥାନାରେ ଅଟକ ରଖିଛି। ସୋମବାର ଦେବଗଡ଼ ଥାନା ପୋଲିସ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ଉପସ୍ଥାପନ କରିଛି। ତେବେ ନାବାଳକର ପୂର୍ବ ଗତିବିଧି ତର୍ଜମା କରିବା ପରେ ଏବଂ ଅଭିଯୋଗକାରୀ ପ୍ରାପ୍ତବୟସ୍କା ଏବଂ ଅଭିଯୁକ୍ତ ନାବାଳକ ଥିବା କାରଣରୁ ବୋର୍ଡ ନାବାଳକଙ୍କ ଜାମିନ ଆବେଦନକୁ ବିଚାର କରି ଜାମିନରେ ଛାଡିଛନ୍ତି।

# ବୃଦ୍ଧି ପାଉଛି କିରୋସିନ କଳାବଜାର

**ସମ୍ବଲପୁର,୧୩।୬(ବ୍ୟୁରୋ)**

ସମ୍ବଲପୁର ଜିଲାରେ ପିଡିଏସ୍ ସାମଗ୍ରୀ କିରୋସିନ କଳାବଜାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗତ ନଭେମ୍ବରରୁ ଦର ବୃଦ୍ଧି ହେବା ପରେ କଳାବଜାର ପରିମାଣ ମଧ ବୃଦ୍ଧି ପାଇଛି। ଗତ ମାସରେ ଏହାର ସରକାରୀ ଦର ଲିଟର ପିଛା ପ୍ରାୟ ୭୯ ଟଙ୍କା ରହିଥିବା ବେଳେ ୫ ଟଙ୍କା ବୃଦ୍ଧି ପାଇ ୮୩ ଟଙ୍କାରେ ପହଞ୍ଚିଛି। ଦରବୃଦ୍ଧି ପରେ ହିତାଧିକାରୀ କିରୋସିନ ନେବାକୁ ଅମଙ୍ଗ ହେଉଛନ୍ତି। ଏହାର ସୁଯୋଗ ନେଇ ହୋଲସେଲର ଓ ଡିଲରମାନେ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ମୋଟାରେ ଲିଟର ପିଛା ୧୦୦ ଓ ଖୁଚୁରାରେ ୧୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଯୋଗାଣ ବିଭାଗ ଅଧିକାରୀଙ୍କୁ ତଥ୍ୟ ଓ ପ୍ରମାଣ ଦେଇ ସାଧାରଣ ଲୋକ ଅଭିଯୋଗ କଲା ପରେ ମଧ କାର୍ଯ୍ୟାନୁଷ୍ଠାନ ଶୂନ। ଏହା କେବଳ ସମ୍ବଲପୁର ଜିଲା ନୁହେଁ ପଶ୍ଚିମ ଓଡ଼ିଶାରେ ବ୍ୟାପିଛି।

ସମ୍ବଲପୁର ଜିଲାର କେତେଜଣ ବ୍ୟବସାୟୀ ସମଗ୍ର ପଶ୍ଚିମ ଓଡ଼ିଶାକୁ କଳା ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ଏପରି କି ରାଜ୍ୟ ବାହାର ଛତିଶଗଡ ଓ ଝାଡ଼ଖଣ୍ଡକୁ ମଧ ଟ୍ୟାଙ୍କର ଯୋଗେ ଚୋରା ଚାଲାଣ କରାଯାଉଛି। କିରୋସିନ କଳା ବଜାର ହୋଇ କେତେକ ଜିଲା ଓ ଜିଲା ବାହାର କଳକାରଖାନାକୁ ଯାଉଥିବା ଅଭିଯୋଗ ହେଉଛି। କାରଖାନାରେ ଏହାକୁ ତେଲ ସହ ମିଶାଇ ବ୍ୟବହାର କରାଯାଉଛି। ଅନ୍ୟପଟେ ଡିଜେଲ ଅପମିଶ୍ରଣ ପାଇଁ ମୁଖ୍ୟତଃ କିରୋସିନ କଳାବଜାର ହେଉଥିବା ଜଣେ ବ୍ୟବସାୟୀ କହିଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱ କେତେକ ଢାବା ଓ ନିଛାଟିଆ ସ୍ଥାନରେ ଏହି ଡିଜେଲ ଅପମିଶ୍ରଣ କାରବାର ଚାଲିଛି। ଟ୍ୟାଙ୍କରରୁ ଡିଜେଲ କାଢି ନେଇ କିରୋସିନ ମିଶ୍ରଣ କରାଯାଉଛି। ଏଥିରେ କୋଟି କୋଟି ଟଙ୍କାର ବ୍ୟବସାୟ ହେଉଛି। ଅପମିଶ୍ରିତ ଡିଜେଲ ବଜାରରେ ସରକାରୀ ଦରଠାରୁ ଲିଟର ପିଛା ପ୍ରାୟ ୧୦ରୁ ୧୫ ଟଙ୍କା କମ୍‌ରେ ବିକ୍ରି ହେଉଛି। ତେଣୁ ଏହାର ପ୍ରଭାବ ସିଧାସଳଖ ପେଟ୍ରୋଲ ପମ୍ପ ଉପରେ ପଡୁଛି ବୋଲି ଜଣେ ପେଟ୍ରୋଲ ପମ୍ପ ମାଲିକ କହିଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ଯେତିକି ତେଲ ବିକ୍ରି ହେଉଥିଲା ଏବେ କମିଯାଇଛି। ନିୟମିତ ଗ୍ରାହକ ଆଉ ଆସୁ ନାହାନ୍ତି। ଏମାନଙ୍କ ମଧରେ ବିଲରେ କାମ କରୁଥିବା ଚାଷୀ, ଠିକାଦାର, ଛୋଟ କଳ କାରଖାନା, ଖୁଚୁରା ବ୍ୟବସାୟୀ ଅଛନ୍ତି। ସେମାନେ କମ୍ ଦରରେ ତେଲ କିଣି ସଞ୍ଚୟ କରୁଛନ୍ତି। ଅପମିଶ୍ରିତ ତେଲ ପ୍ରତି ଗ୍ରାହକମାନେ ଧ୍ୟାନ ଦେବା ଆବଶ୍ୟକ। ଅନ୍ୟପଟେ ତେଲ କମ୍ପାନୀ ଚଢାଉ କରି କଳାବଜାର ରୋକିବା ନେଇ ପଦକ୍ଷେପ ଗ୍ରହଣ ନ କଲେ ପମ୍ପଗୁଡିକରେ ବିକ୍ରି କମିଯିବ। ଏହାଦ୍ୱାରା ମାଲିକ ଓ ସରକାରଙ୍କ ରାଜସ୍ୱ ହାନି ହେବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ




### ଡିଲର, ହୋଲସେଲରଙ୍କ ସମ୍ପୃକ୍ତି ଚର୍ଚ୍ଚା

- ୮୩ ଟଙ୍କା ଛୁଇଁଲାଣି ସରକାରୀ ଦର
- କଳକାରଖାନା, ଅପମିଶ୍ରଣରେ ବ୍ୟବହାର

ସମ୍ବଲପୁର ଜିଲାରେ ୨ ଲକ୍ଷ ୨୪ ହଜାର ୨୩୬ ହିତାଧିକାରୀ ପିଡିଏସ୍‌ରେ କିରୋସିନ ପାଉଛନ୍ତି। ଏହାକୁ ପଞ୍ଚାୟତ ଓ ଡିଲରଙ୍କ ପାଖରେ ପହଞ୍ଚାଇବା ପାଇଁ ହୋଲସେଲର ଓ ମୁଖ୍ୟ ଡିଲରଙ୍କୁ ନିୟୋଜିତ କରାଯାଇଛି। ଜିଲାରେ ମୋଟ ୨୧୮ ଜଣ ଡିଲର ରହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ବିଭିନ୍ନ ସମୟରେ କିରୋସିନ କଳାବଜାର ଉପରେ ଚଢାଉ କରାଯାଉଛି। ଆଗକୁ ଏହା ଜାରି ରହିବ। ବିଭିନ୍ନ କାରଣରୁ ଲୋକଙ୍କ ଚାହିଦା କମିଯାଉଥିବା କଥାକୁ ସେ ସ୍ୱୀକାର କରିଥିଲେ।

## ଜଳବାୟୁରେ ଅନୁସନ୍ଧାନ ପାଇଁ ଏନ୍‌ଆଇଟି ଛାତ୍ରଙ୍କୁ ଫେଲୋଶିପ୍

**ରାଉରକେଲା ଅଫିସ,୧୩।୬**

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ରାଉରକେଲାର ଛାତ୍ର ମନୋଜ ହରିହରନ୍ ୨୦୨୨-୨୦୨୩ରେ ଡକ୍ଟରାଲ ରିସର୍ଚ୍ଚ ପାଇଁ ଫୁଲ୍ ବ୍ରାଇଟ୍-କଲାମ ଜଳବାୟୁ ଫେଲୋସିପ୍ ପାଇଛନ୍ତି। ସେ ଯୁକ୍ତରାଷ୍ଟ୍ରର ଯେ କୌଣସି ହୋଷ୍ଟ ଅନୁଷ୍ଠାନ ସହିତ କାର୍ଯ୍ୟ କରିବାକୁ ଏହି ଫେଲୋସିସ ଗ୍ରହଣ କରିଛନ୍ତି। ଫୁଲବ୍ରାଇଟ୍ ଡକ୍ଟରାଲ ଫେଲୋସିପ୍ ଗ୍ରହଣ କରବାରେ ମନୋଜ ରାଉରକେଲା ଏନ୍‌ଆଇଟିର ପ୍ରଥମ ଛାତ୍ର। ସେ ଜାତୀୟ ବାୟୁମଣ୍ଡଳୀୟ ଅନୁସନ୍ଧାନ କେନ୍ଦ୍ର (ଏନ୍‌ସିଏଆର) ଆର୍ଥ ସିଷ୍ଟମ ଲବୋରେଟୋରିରେ ଜଳବାୟୁ ଅନୁସନ୍ଧାନ କରିବା ପାଇଁ ପ୍ରଥମ ସାଥୀ ହୋଇଥିଲେ। ଏ ସମ୍ପର୍କରେ ମନୋଜ କହିଛନ୍ତି, ଏହି ଯାତ୍ରା ସମୟରେ ପୃଥିବୀ ଓ ବାୟୁମଣ୍ଡଳ ବିଜ୍ଞାନ ବିଭାଗ ବହୁ ଆବଶ୍ୟକ ସହାୟତା ପ୍ରଦାନ କରିଛି। ଠିକ୍ ସମୟରେ ଠିକ୍ ମାର୍ଗଦର୍ଶନ ଦେଇଥିବାରୁ ପରାମର୍ଶଦାତା ପ୍ରଫେସର ଭୀଷ୍ମ ତ୍ୟାଗୀ ଓ ବିଭାଗର ଅନ୍ୟ ସମସ୍ତ ଅଧ୍ୟାପକଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

## ହାତୀ ଉପଦ୍ରବ: ଆମ୍ବ, କଦଳୀ ବଗିଚା ନଷ୍ଟ

**ନାକଟିଦେଉଳ,୧୩।୬(ଡ଼ି.ଏନ.ଏ.)**

ରବିବାର ରାତ୍ରିରେ ହାତୀପଲ ନାକଟିଦେଉଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବିଜାଗଡ଼ ମୌଜାର ବଲାଙ୍ଗିପାଳଠାରେ ଥିବା ଉପରମୁଣ୍ଡା ଗ୍ରାମର କେଶବ ଚନ୍ଦ୍ର ସାହୁଙ୍କ ବଗିଚାରେ ପଶି ବ୍ୟାପକ କ୍ଷତି ଘଟାଇଛନ୍ତି। ହାତୀପଲ ବଗିଚାର ତାରବାଡ଼ ଭାଙ୍ଗି ଭିତରେ ପଶି ଥିଲେ। ପ୍ରାୟ ୮ଏକର ପରିମିତ ଜାଗାରେ ଥିବା ଏହି ବଗିଚାରେ କେଶବ କଦଳୀ, ଆମ୍ବ, ଲିଚୁ, ପଣସ, କମଳା, ଲେମ୍ବୁ, ସପୁରୀ ଚାଷ କରିଛନ୍ତି। ହାତୀପଲ ପାଚିଲା କଦଳୀ, ଆମ୍ବ ଖାଇବା ସହ ଗଛଗୁଡ଼ିକ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ୨୦ରୁ ଅଧିକ ଥିବା ହାତୀପଲ ୩ଦିନ ଧରି ବଗିଚାରେ ପଶି ଉପଦ୍ରବ ଚଳାଇଛନ୍ତି। ଫଳରେ ପ୍ରାୟ ୨ଲକ୍ଷ ଟଙ୍କାର କ୍ଷୟକ୍ଷତି ଘଟିଥିବା କେଶବ ଅଭିଯୋଗ କରିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇବା ସହ ହାତୀ ଘଉଡ଼ାଇବା ଦିଗରେ ବନ ବିଭାଗ ଠୋସ ପଦକ୍ଷେପ ନେବାକୁ ଦାବି ହୋଇଛି।



ବଗିଚାରେ ଗଛ ଭାଙ୍ଗି ନଷ୍ଟ ହୋଇଛି।)

## ଫାଣ୍ଡିରେ ଯୁବକଙ୍କୁ ଚାପୁଡ଼ା ମାରିଲେ ଯୁବତୀ

**ସମ୍ବଲପୁର,୧୩।୬(ବ୍ୟୁରୋ)**

### ଭିଡିଓ ଭାଇରାଲ ପରେ ତଦନ୍ତ ଆରମ୍ଭ

ସମ୍ବଲପୁର ଜିଲା ବୁର୍ଲା ଫାଣ୍ଡି ଭିତରେ ଜଣେ ଯୁବତୀ ଯୁବକଙ୍କୁ ଚାପୁଡା ମାରୁଥିବା ଭିଡିଓ ଭାଇରାଲ ହେଉଛି। ଏହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁସାରେ ବୁର୍ଲା ମେଡିକାଲକୁ ଜୁନ ୫ ତାରିଖରେ ଝାରସୁଗୁଡ଼ାର ଜଣେ ରୋଗୀଙ୍କ ସହ ଯୁବତୀ ଜଣଙ୍କ ଆସିଥିଲେ। ଅନ୍ୟପଟେ ସୋନପୁର ଜିଲାର ଯୁବକ ଜଣଙ୍କ ନିଜ ପରିବାର ସଦସ୍ୟଙ୍କୁ ଆଣି ମେଡିକାଲରେ ଭର୍ତ୍ତି କରିଥିଲେ। ରାତିରେ ଯୁବକ ଜଣକ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଭିମ୍‌ସାର ସୁରକ୍ଷା କର୍ମୀମାନେ ଉଭୟଙ୍କୁ କାବୁ କରି ଫାଣ୍ଡିକୁ ନେଇଥିଲେ। ଯୁବକ ଜଣଙ୍କ ଭୁଲ ମାଗିଲେ ଯୁବତୀ ଜଣଙ୍କ ଅଭିଯୋଗ କରିବେ ନାହିଁ ପୋଲିସକୁ କହିଥିଲେ। ସେ ସମୟରେ ସୁରକ୍ଷା କର୍ମୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ। ଭୁଲ ମାଗିବା ସମୟରେ ଯୁବତୀ ଜଣଙ୍କ ହଠାତ୍ ଯୁବକଙ୍କୁ ଚାପୁଡା ମାରିଥିଲେ। ଘଟଣାର ସମସ୍ତ ଦୃଶ୍ୟ ଭିଡିଓରେ ରେକର୍ଡ ହୋଇଛି। ହୀରାକୁଦ ଏସ୍‌ଡିପିଓ ଏସ୍. ଦାଶ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ସେ କହିଛନ୍ତି, ପୋଲିସ କର୍ମଚାରୀଙ୍କ ପାଖରୁ ସ୍ପଷ୍ଟୀକରଣ ନିଆଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଯୁବତୀଯୁବକଙ୍କୁ ପଚରାଉଚୁରା କରିବା ପରେ ସତ୍ୟାସତ୍ୟ ସମ୍ନାକୁ ଆସିବ।

## ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୧୩।୬**

ଘରୋଇ କଳହକୁ ନେଇ ସେକ୍ଟର-୩ ଅଞ୍ଚଳର ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣଙ୍କ ସଞ୍ଜିତ କୁମାର ବେହେରା(୨୮) ବୋଲି ଜଣାପଡ଼ିଛି। ରବିବାର ରାତିରେ କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ସଞ୍ଜିତଙ୍କ ପାଟିତୁଣ୍ଡ ହୋଇଥିଲା। ଘର ଲୋକେ ଶୋଇ ପଡିଥିବାବେଳେ ସଞ୍ଜିତ ଏକ ଗାମୁଛାକୁ ଲୁହା ପାଇପ୍‌ରେ ବାନ୍ଧି ବେକରେ ଗୁଡାଇ ଝୁଲିପଡିଥିଲେ। ସୋମବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୪।୨୨) ରୁଜୁ ହୋଇଛି।

## କୁଚିଣ୍ଡାରେ ପାଣ ସମାଜର ବାର୍ଷିକ ସମ୍ମିଳନୀ

**କୁଚିଣ୍ଡା,୧୩।୬(ଡି.ଏନ୍.ଏ.)**

କୁଚିଣ୍ଡା ଟାଉନ ହଲ୍‌ଠାରେ କୁଚିଣ୍ଡା ବ୍ଲକ ଲକ୍ଷେଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ସୋମବାର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୋମ୍ନାରୁ ବୁଡ଼ାଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ମୁଖ୍ୟ ଅତିଥି, ବୁର୍ଲା ଗଣ୍ଡା ସମାଜ ସଭାପତି ନିହାଲ ସିଂ ମୁଖ୍ୟ ବକ୍ତା, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ରାଜେନ୍ଦ୍ର ଛତ୍ରିଆ, ପାଣ ସମାଜ ପୂର୍ବତନ ବ୍ଲକ ସଭାପତି ଧନୁର୍ଯ୍ୟ ଧୁରୁଆ, ବ୍ଲକ କୋଷାଧକ୍ଷ ଟଙ୍କଧର ପାତ୍ର, ବାମରା ବ୍ଲକ ସଭାପତି ନେତ୍ରାନନ୍ଦ ଦଣ୍ଡପାଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ସାମୂହିକ ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହାଛଡ଼ା ଶିକ୍ଷାକୁ ପ୍ରାଧାନ୍ୟ ଦେଇ ସଙ୍ଗଠନରେ ମହିଳାମାନଙ୍କୁ ସାମିଲକଲେ ସମାଜରେ ପରିବର୍ତ୍ତନ ଆସିବ ବୋଲି ପାଣ ସମାଜ ପକ୍ଷରୁ ପ୍ରସ୍ତୁତ ସମ୍ବିଧାନ (ନିୟମାବଳୀ) ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଧନୁର୍ଯ୍ୟ ଧୁରୁଆ, ଟଙ୍କଧର ପାତ୍ର, ସୀତାରାମ କୁସୁମ, ଶୁକଦେବ କଣ୍ଟା, ହଳଧର ବାଦୀ, ଆଦିକନ୍ଦ ସିଂ, ବିନୋଦିନୀ ଭଞ୍ଜ, ମନ୍ଦାକିନୀ ଦୁତୀୟାଚାନ୍ଦ, ଅଶୋକ ଜୟପୁରିଆ, ଶଙ୍କର୍ଷଣ ସିଂ, ବାଣେଶ୍ୱର ବାଦୀ, ଗୋକୁଳ ଲୁହା, ସୁରେନ୍ଦ୍ର ବାଘ ଓ ହଗରୁ ପାତ୍ରଙ୍କୁ ସମାଜ ପକ୍ଷରୁ କୁଳଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୁଚିଣ୍ଡା ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ ବାର୍ଷିକ ବିବରଣୀ ପଠନ ପୂର୍ବକ ସଭା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପସଭାପତି ମନବୋଧ କଣ୍ଟା, ଟଙ୍କଧର ବାଘ, ଅର୍ଜୁନ ଦୁତୀୟାଚାନ୍ଦ, ସନାତନ କୁସୁମ, ତ୍ରିନାଥ ଲୁହା, ଭୀମସେନ ମହାନନ୍ଦ, ସୁଜିନ ଜର୍ଜିଆ, ରାମେଶ୍ୱର ବାଘ, ଗିରିଜା ଶଙ୍କର ପାତ୍ର, ବଙ୍କି କୁସୁମ, ରସାନନ୍ଦ ମାର୍କ ପ୍ରମୁଖ ସହଯୋଗ କରିଥିଲେ। ସମ୍ମିଳନୀରେ ବ୍ଲକର ୧୭ ପଞ୍ଚାୟତରୁ ସହସ୍ରାଧିକ ମହିଳାପୁରୁଷ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

## ଇଂଲିଶ୍ ପୁସ୍ତକ ଇନ୍‌ସାଇଟ ଟୁ ଡାଲଖାଇ ଉନ୍ମୋଚିତ



ଅତିଥିମାନେ ଇନ୍‌ସାଇଟ ଟୁ ଡାଲଖାଇ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ସମ୍ବଲପୁର,୧୩।୬(ବ୍ୟୁରୋ)**

ସମ୍ବଲପୁରୀ ଲୋକସଂଗୀତ ଓ ଲୋକନୃତ୍ୟ ଡାଲଖାଇ ବିଷୟରେ ଇଂରାଜୀ ଭାଷାରେ ରଚିତ ପୁସ୍ତକ ଇନ୍‌ସାଇଟ ଟୁ ଡାଲଖାଇ ରବିବାର ରାତିରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉନ୍ମୋଚିତ ହୋଇଯାଇଛି। ଜୁହାର ପରିବାର ଓ ଓକିଆ ସାଂସ୍କୃତିକ ଅନୁଷ୍ଠାନ ଆୟୋଜିତ ଉତ୍ସବରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକର ଲୋକାର୍ପଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ, ଭୁବନେଶ୍ୱର ଓଏସ୍‌ଏନ୍‌ଏ ଉପସଭାପତି ମନ୍ମଥ ଶତପଥି, କର୍ନେଲ ପ୍ରଭାତ କୁମାର ପଣ୍ଡା, ଇଜେଡସିସି ଯୁଗ୍ମନିର୍ଦ୍ଦେଶକ ଅମର ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ.ଶ୍ୟାମସୁନ୍ଦର ଧର ଓ ନାଟ୍ୟକାର ଅଶୋକ ବହିଦାର ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ପୁସ୍ତକର ରଚୟିତା ଶଙ୍କର ପ୍ରସାଦ ପ୍ରଧାନ ସୂଚନା ଦେଇ କହିଥିଲେ, ଏହି ପୁସ୍ତକ ମାଧମରେ ସମ୍ବଲପୁରୀ ଲୋକସଂଗୀତ ଓ ଲୋକନୃତ୍ୟ ବିଷୟରେ ରାଜ୍ୟ ଏବଂ ଦେଶ ବାହାର ଉତ୍ସାହି ଯୁବଗୋଷ୍ଠୀ ପ୍ରଶିକ୍ଷଣ ନେଇପାରିବେ। ଓକିଆର ନୃତ୍ୟଗୁରୁ ରଞ୍ଜନ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସୀମାନ୍ତିକା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ମୃତ

**ଖଣ୍ଡପଡ଼ା,୧୩।୬(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି-ଆଡକଟା ରାସ୍ତାର ଭଅଁରପଲ୍ଲୀ ଗ୍ରାମ ନିକଟରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ସମ୍ବଲପୁର ଅଞ୍ଚଳର ସୂର୍ଯ୍ୟ କନ୍ଧ(୩୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ତାଙ୍କ ଭଣଜା ରାଜା ସାହୁ(୨୬) ଓ ଗାଡି ଚାଳକ ଅଜୟ ଗୁରୁତର ହୋଇଛନ୍ତି। ସୋମବାର ଅପରାହ୍ନ ସାଢ଼େ ୪ଟା ବେଳେ ଏହି ଘଟଣା ଘଟିଛି । ସେମାନଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଖଣ୍ଡପଡ଼ା ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଘଟଣାସ୍ଥଳରେ ଏକ ଧଳା ରଙ୍ଗର କାର ରହିଛି । ପୋଲିସ ମୃତଦେହକୁ ଜବତ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ସୂଚନା ଅନୁଯାୟୀ, ଫାର୍ମ ହାଉସ୍ ପାଇଁ ଆବଶ୍ୟକ ଜାଗା କିଣିବା ଲାଗି କାରରେ ସମ୍ବଲପୁର ଜିଲା ହୀରାକୁଦ ଶକ୍ତି ନଗର ଅଞ୍ଚଳରୁ ସୂର୍ଯ୍ୟ କନ୍ଧ ତାଙ୍କ ଭଣଜା ରାଜା ସାହୁ ଓ ଗାଡ଼ି ଚାଳକ ଅଜୟଙ୍କ ସହିତ ଦଶପଲ୍ଲା ଦେଇ ଆଡକଟା ଛକରେ ପହଞ୍ଚି ଥିଲେ। ସୂର୍ଯ୍ୟଙ୍କ ସହିତ ପୂର୍ବରୁ ଯୋଗାଯୋଗ କରିଥିବା ଜଣେ ବ୍ୟକ୍ତି ସେମାନଙ୍କ ସହ ଆଡକଟା ଛକରୁ କୋସକା ଦେଇ ଭଅଁରପଲ୍ଲୀ ଗ୍ରାମ ନିକଟକୁ ଆସିଥିଲେ। ସେଠାରୁ ଉକ୍ତ ବ୍ୟକ୍ତି ଜଣଙ୍କ ଜାଗା ଦେଖିବା କହି ରାସ୍ତା ପାର୍ଶ୍ୱସ୍ଥିତ କୁଅଁରିଆ ନଦୀପଠାକୁ ସେମାନଙ୍କୁ ନେଇଥିଲେ । ପୂର୍ବ ଯୋଜନା ଅନୁଯାୟୀ ୧୦ରୁ ୧୨ ଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ସେମାନଙ୍କୁ ଘେରି ଯାଇ ଆକ୍ରମଣ କରିଥିଲେ । ଆକ୍ରମଣରେ ସୂର୍ଯ୍ୟଙ୍କ ମୃତ୍ୟୁ ହେବା ପରେ ଦୁର୍ବୃତ୍ତମାନେ ଅନ୍ୟ ୨ଜଣଙ୍କୁ ଘେରି ଯାଇ ମାଡ଼ ମାରିବା ସହ ୩ ମୋବାଇଲ, ନଗଦ ୨୫ ହଜାର ଟଙ୍କା ଛଡ଼ାଇ ନେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। କିଛି ସମୟ ପରେ ସେହି ରାସ୍ତା ଦେଇ ଯାଉଥିବା କେତେକ ବ୍ୟକ୍ତିଙ୍କ ସହାୟତାରେ ଗାଡ଼ି ଚାଳକ ଅଜୟ ଓ ରାଜା ଗଡିଆସାହି ଫାଣ୍ଡିରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତମାନଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

## ବଢୁଛି ଦୁର୍ଘଟଣା: ଶୀତଳଭଣ୍ଡାରରେ ଯୋଜନା

**ଝାରସୁଗୁଡ଼ା ଅଫିସ,୧୪।୬**

ଚଣ୍ଡୀଖୋଲରୁ ରାୟପୁରକୁ ସଂଯୋଗ କରିଥିବା ୪୯ନଂ ଜାତୀୟ ରାଜପଥ (ଏନ୍‌ଏଚ୍)ରେ ଅହରହ ଯାନବାହନ ଚଳାଚଳ କରୁଛି। ଏଥିମଧ୍ୟରେ ବେଲପାହାଡ଼ରୁ କନକତୋରା ୭୦କି.ମି. ବ୍ୟସ୍ତବହୁଳ ରାସ୍ତାରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ବେପାରୁଆ ଗାଡି ଚାଳନା, ଦ୍ରୁତଗତି, ରାସ୍ତାର ଦୁରବସ୍ଥା, ବୁଲାଣି ରାସ୍ତା, ରାସ୍ତା ପାର୍ଶ୍ୱରେ ରହିଥିବା ଗଛ, ବେଆଇନ ଗାଡି ପାର୍କିଂ ଏହାର କାରଣ ହୋଇଛି। ବିଶେଷଭାବେ ବାଇକ୍ ଚାଳକ, ସାଇକେଲ ଅରୋହୀ ଓ ପଥଚାରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରି କି ସମ୍ପୂର୍ଣ୍ଣ ପରିବାର ଦୁର୍ଘଟଣାରେ ଜୀବନ ହରାଇଥିବା ନଜିର ରହିଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ, ଯାନବାହନ ଭଙ୍ଗାରୁଜା, ମାର୍‌ପିଟ ଭଳି ଘଟଣା ଘଟି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏ ଦିଗରେ ଏନ୍‌ଏଚ୍‌ଆଇ, ଆର୍‌ଟିଓ ଓ ପୋଲିସ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଉଛନ୍ତି। ଏଭଳିସ୍ଥିତିରେ ଉପରୋକ୍ତ ବିଭାଗୀୟ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଏକ ଟିମ୍ ଗତବର୍ଷ କନକତୋରାରୁ ଝାରସୁଗୁଡା ପର୍ଯ୍ୟନ୍ତ ରାସ୍ତା ପରିଦର୍ଶନ କରି ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନକୁ ବ୍ଲାକ୍‌ସ୍ପଟ୍ ଭାବେ ଚିହ୍ନଟ କରିଥିଲେ। ଏହିସବୁ ସ୍ଥାନରେ ଦୁର୍ଘଟଣା ରୋକିବା ପାଇଁ କେତେକ ଯୋଜନା ପ୍ରସ୍ତୁତ ହୋଇଥିଲା। ହେଲେ ଏହି ଯୋଜନା କାର୍ଯ୍ୟକାରୀ ନ ହୋଇ ଶୀତଳ ଭଣ୍ଡାରରେ ପଡିରହିଛି । ଅନ୍ୟପକ୍ଷେ ଏହାର ପ୍ରତିକାର ପାଇଁ ଅଞ୍ଚଳବାସୀ ଏହି ରାସ୍ତାକୁ ୪ଥାକିଆ କରିବା ପାଇଁ ଦାବି କରିଆସୁଛନ୍ତି। ଏହା ହେଲେ ଦୁର୍ଘଟଣା ରୋକା ଯାଇପାରିବ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ସମ୍ବଲପୁର ନିର୍ବାହୀଯନ୍ତ୍ରୀ ଶିବବ୍ରତ ତରିଆ କହିଛନ୍ତି, ଏନ୍‌ଏଚ୍‌ଏଆଇ, ଆର୍‌ଟିଓ ଓ ପୋଲିସଙ୍କୁ ନେଇ କମିଟି ଗଠନ କରାଯାଇଛି। କମିଟି ବର୍ତ୍ତମାନ ଏହାର ତଦାରଖ କରୁଛି। ବର୍ତ୍ତମାନ ରୋଡ୍ ମରାମତି ଓ ବୁଶ୍ କଟିଂ ଚାଲିଛି। ଆଗକୁ ଆଉ ଯାହା ପଦକ୍ଷେପ ନିଆଯିବ।

## ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

**ବ୍ରଜରାଜନଗର,୧୩।୬(ଡି.ଏନ.ଏ.)**

ଝାରସୁଗୁଡ଼ା ସଦର ବ୍ଲକ ଚାନ୍ଦିନୀମାଲ ପଞ୍ଚାୟତ ଚିଚିଣ୍ଡା ଗ୍ରାମର ଚାଙ୍ଗୁରମୁଣ୍ଡା ପୋଖରୀ ପୁନରୁଦ୍ଧାରରେ ଅନିୟମିତତା ହୋଇଛି। ଏହି ପୋଖରୀ ପଙ୍କୋଦ୍ଧାର ପାଇଁ ଏନ୍‌ଟିପିସିରୁ ଆସିଥିବା ଅନୁଦାନକୁ ଠିକାଦାର ବାଟମାରଣା କରିଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ପୋଖରୀ ଖୋଳିବା ସହିତ ପଙ୍କୋଉଦ୍ଧାର କାର୍ଯ୍ୟ ପାଇଁ ଏନ୍‌ଟିପିସି କମ୍ପାନୀ ତରଫରୁ ୫ଲ ଟଙ୍କା ଦିଆଯାଇଥିଲା। ସ୍ଥାନୀୟ ଠିକାଦାର ପୂର୍ବରୁ କାମ ନ କରି ବର୍ଷା ଆସିବା ସମୟରେ ପୋଖରୀ ଖୋଳିବା ଆରମ୍ଭ କରିଥିଲେ। ଚଳିତ ମାସ ପ୍ରାରମ୍ଭରୁ ଆଜିପର୍ଯ୍ୟନ୍ତ ଗୋଟିଏ ମେଶିନ କାର୍ଯ୍ୟରେ ନିୟୋଜିତ ଥିଲା। ଅଳ୍ପକିଛି ମାଟି ଉଠାଇ କାର୍ଯ୍ୟ ସରିଗଲା ବୋଲି ଠିକାଦାର ସୋମବାର କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ଏଥିରେ ଅସନ୍ତୋଷ ପ୍ରକାଶ କରି ଚିଚିଣ୍ଡା ଗ୍ରାମବାସୀ ସ୍ଥାନୀୟ ବିଡିଓ ଓ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ବିଭାଗୀୟ ଜେଇ ଫଗୁ ମୁର୍ମୁଙ୍କୁ ପଚାରିବାରୁ ସେ ଗ୍ରାମବାସୀଙ୍କ ଅଭିଯୋଗକୁ ସ୍ୱୀକାର କରିବା ସହ ଠିକାଦାର ଯେତିକି କାମ କରିଛନ୍ତି ମେଜରମେଣ୍ଟ କରାଯାଇ ସେତିକି ଅର୍ଥ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।



ପୁନରୁଦ୍ଧାର ହୋଇଥିବା ପୋଖରୀ।

### ପୋଖରୀ ପୁନରୁଦ୍ଧାରରେ ଅନିୟମିତତା

**ହିମାଚଳ ପ୍ରଦେଶର ହମତା ପାସ ଶିଖରରେ ତ୍ରିରଙ୍ଗା ଉଡ଼ାଇଲେ ଅଭିଜିତ**

ତୁଷୁରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ଦିଗସିରା ଗାଁର ଅଭିଜିତ ଦାଶ ଦୁଃସାହିକ କ୍ରୀଡ଼ାରେ ଅଂଶ ଗ୍ରହଣ କରିଛନ୍ତି। ସେ ହିମାଚଳ ପ୍ରଦେଶ ହମତା ପାସ ଶିଖରରେ ୧୪ ହଜାର ଫୁଟ ଉଚ୍ଚରେ ଚଢ଼ି ପତାକା ଉଡାଇଛନ୍ତି। ଅଭିଜିତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଡେୟାର ଡେଭିଲସ ପକ୍ଷରୁ ଆୟୋଜିତ ହିମାଳୟ ପର୍ବତାରୋହଣରେ ଅଂଶ ଗ୍ରହଣ କରିଥିଲେ। ଗତ ୧୦ ତାରିଖ ୩.୨୦ ମିନିଟ୍‌ରେ ପ୍ରବଳ ଶୀତ (-୫ ରୁ -୧୦ ଡିଗ୍ରୀ ତାପମାତ୍ରା) ଓ ତୁଷାରପାତରେ ହିମାଚଳ ପ୍ରଦେଶର ହମତା ପାସ ଶିଖରରେ ପହଞ୍ଚିଥିଲେ। ତାଙ୍କ ଏହି ସଫଳତା ରାଜ୍ୟ ଓ ଜିଲା ପାଇଁ ଗର୍ବ ଆଣିଛି।

# ପୋଲିସ କବ୍‌ଜାରେ ୭ ଆନ୍ତଃଜିଲା ଡକାୟତ

**ସଇଁତଳା,୧୩।୬(ଡି.ଏନ.ଏ.)**


ଅଭିଯୁକ୍ତମାନଙ୍କୁ ଖବରଦାତା ସମ୍ମିଳନୀରେ ପୋଲିସ ହାଜର କରିଛି।

- ଫାଇନାନ୍ସ କର୍ମଚାରୀଙ୍କୁ ଟାର୍ଗେଟ କରି ଲୁଟ୍ କରୁଥିଲେ
- ୩ ବାଇକ, ମାରଣାସ୍ତ୍ର ଓ ଲାପଟପ ଜବତ
- ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ:ଏସ୍‌ଡିପିଓ

ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ଟାର୍ଗେଟ କରି ଲୁଟ୍‌ପାଟ୍ କରୁଥିବା ଏକ ଆନ୍ତଃଜିଲା ଡକାୟତ ଦଳର ୭ଜଣଙ୍କୁ କବ୍‌ଜାକୁ ନେଇଛି ବଲାଙ୍ଗୀର ଜିଲା ସଇଁତଳା ଥାନା ପୋଲିସ। ସେମାନଙ୍କ ପାଖରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର, ମୋବାଇଲ,ବାଇକ୍ ଜବତ କରାଯାଇଛି। ୨ଜଣ ଡକାୟତ ଫେରାର ହୋଇଯାଇଛନ୍ତି। ସୋମବାର ସନ୍ଧ୍ୟାରେ ସଇଁତଳା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ।

ଏସ୍‌ଡିପିଓ ଶତପଥୀଙ୍କ ସୂଚନା ଅନୁସାରେ ଗତ ଚାରିମାସ ହେଲା ଜିଲାର ବଲାଙ୍ଗୀର ସଦର ଥାନା, ସଇଁତଳା, ପାଟଣାଗଡ଼, ବେଲପଡ଼ା, ତୁଷୁରା, ଦେଓଗାଁ, ମୁରିବାହାଲ ଏବଂ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅଞ୍ଚଳରେ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କୁ ଏହି ଡକାୟତ ଦଳ ଟାର୍ଗେଟ କରି ଆସୁଥିଲେ। ଋଣ ଗ୍ରହୀତାଙ୍କଠାରୁ ଅସୁଲ ଟଙ୍କା ଆଦାୟ କରି ଫେରୁଥିବାବେଳେ ଏହି ଗ୍ରୁପର ଡକାୟତମାନେ ସେମାନଙ୍କୁ ପିଛା କରୁଥିଲେ। ଆକ୍ରମଣ କରିବା ସହ ଟଙ୍କା ଲୁଟି ଫେରାର ହୋଇ ଯାଉଥିଲେ। ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ସମସ୍ତ ଥାନାକୁ ଡ଼କାୟତମାନଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ରବିବାର ବିଳମ୍ବିତ ରାତିରେ କଳାହାଣ୍ଡି ଛକ ନିକଟରେ ୯ ଜଣ ସନ୍ଦିଗ୍ଧ ଏକଜୁଟ ହୋଇଥିବା ଖବର ମିଳିଥିଲା। ସଇଁତଳା ଥାନାଧିକାରୀ ଅବନୀ କୁମାର ସାହୁ, ଏସଆଇ ସଙ୍ଗୀତା ବେକ, ଏସଆଇ ଥବୀର ମହାରଣା, ସର୍ବେଶ୍ୱର ସାହୁ, ବେଲଗାଁ ଫାଣ୍ଡି ଅଧିକାରୀ, ଟିକ୍ରାପଡ଼ା ଓ ବଡ଼ମାଳ ଫାଣ୍ଡି ଅଧିକାରୀ ସଦଳବଳେ ଚଢ଼ାଉ କରିଥିଲେ। ସେଠାରେ ଥିବା ବେଲପଡ଼ା ଥାନା ଡୁଙ୍ଗୁରିଗୁଡ଼ାର ପ୍ରତାପ ସୁନା (୨୨), ସଇଁତଳା ଥାନା ଖାସବାହାଲର ଦୁଃଖ ଓରଫ ଦୁଃଖନାଶନ ନାଏକ (୨୩), ଶିଶୁ ନାଗ (୨୩), ପରମା ସେଠ (୩୧), ରାଜେଶ ନାଗ(୩୦), ମୁକେଶ ଜାନୀ (୨୧) ଓ ଦେଓଗାଁ ଥାନା ଫଟାମୁଣ୍ଡାର ରୋହିତ ନନ୍ଦ (୨୫)ଙ୍କୁ ପୋଲିସ କାବୁ କରିଥିଲା। ୨ଡକାୟତ କୌଣସିମତେ ଖସି ପଳାଇଥିଲେ। ଧରା ପଡିଥିବା ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ସେମାନେ ବିଭିନ୍ନ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ଗୋଟିଏ ଛୁରି, ଦୁଇଟି ଲୁହାରଡ଼, ଦୁଇଟି ଟର୍ଚ୍ଚ ଲାଇଟ, ଗୋଟିଏ ଲୁହା ତିଆରି ମାରଣାସ୍ତ୍ର, ୬ଟି ମୋବାଇଲ ଫୋନ, ଦୁଇଟି ଲାପଟପ, ଦୁଇଟି ବ୍ୟାଗ, ଗୋଟିଏ ପଲସର (ନଂ. ଓଡ଼ି-୦୩-ଟି-୧୯୩୯), ଗୋଟିଏ ଏଭେଞ୍ଜର (ନଂ. ଓଡ଼ି-୦୩-କ୍ୟୁ-୪୭୪୬), ଗୋଟିଏ ଏଚଏଫ ଡ଼ିଲକ୍ସ ସହ ୧୯ହଜାର ୭ଶହ ଟଙ୍କା ଜବତ କରାଯାଇଛି। ସେମାନଙ୍କ ନାମରେ ସଇଁତଳା ଥାନାରେ ୧୦ଟି, ବେଲପଡ଼ା ଥାନାରେ ଗୋଟିଏ, ବଲାଙ୍ଗୀର ସଦର ଥାନାରେ ଗୋଟିଏ, ତୁଷୁରା ଥାନାରେ ୪, ଦେଓଗାଁ ଥାନାରେ ୪, ମୁରିବାହାଲ ଥାନାରେ ଗୋଟିଏ ଓ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନାରେ ୫ଟି ଡ଼କାୟତି ମାମଲା ରହିଛି। ମୁଖ୍ୟ ଅଭିଯୁକ୍ତପ୍ରତାପ ସୁନା ଧରା ପଡିଥିବା ଏସ୍‌ଡିପିଓ ଶତପଥୀ କହିଛନ୍ତି। ସଇଁତଳା ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଟିଟିଲାଗଡ଼ ଜେଲକୁ ପଠାଇ ଦିଆଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ ଶତପଥୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ସଇଁତଳା ଥାନା ଭେଜିପଦର ଛକ ନିକଟରୁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କିଓସ୍କ ସେଣ୍ଟର ଖୋଲିଥିବା ରିତୁ ସାହୁଙ୍କଠାରୁଡ଼କାୟତମାନେଲୁଟିନେଇଥିବା ଲାପଟପ ତାଙ୍କୁ ଏସ୍‌ଡିପିଓ ଶତପଥି ଫେରାଇ ଦେଇଥିଲେ। ଖବରଦାତା ସମ୍ମିଳନୀରେ ସଇଁତଳା ଥାନାଧିକାରୀ ଅବନୀ କୁମାର ସାହୁ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ମ.ରାମପୁର,୧୩।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ସଭା ସମ୍ମିଳନୀ ଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୧୨୭ଟି ବ୍ୟକ୍ତିଗତ ଓ ୧୯ଟି ଗୋଷ୍ଠୀଗତ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ସଂଲଗ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗ ସମ୍ପର୍କିତ ଦସ୍ତାବିଜ୍ ସୂଚିତ କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଅଭିଲାଶ ଜି, ବିଡିଓ ଉତମ କୁମାର ବାଗ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ପ୍ରମୁଖ ଯୋଗଦେଇଥିଲେ। ଠିକ ସମୟରେ ସମସ୍ତ ଅଞ୍ଚଳରେ ପ୍ରଚାର ପ୍ରସାର ଅଭାବରୁ ଅଭିଯୋଗକାରୀଙ୍କ ସଂଖ୍ୟା ହ୍ରାସ ପରିଲକ୍ଷିତ ହୋଇଥିଲା । ୨ ବର୍ଷ କରୋନା ପ୍ରଭାବ ପରେ ସୋମବାର କ୍ଷେତ୍ରସ୍ତରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜନସାଧାରଣ ଉକ୍ତ ଦିବସକୁ ଚାହିଁ ବସିଥିବାବେଳେ ତଳସ୍ତର ପର୍ଯ୍ୟନ୍ତ ଏହି ଶିବିର ବିଷୟରେ ଲୋକ ଜାଣିପାରି ନ ଥିଲେ। ଚାରି ପାଞ୍ଚ ବର୍ଷ ତଳେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ହୋଇଥିବା କେତେକ ଅଭିଯୋଗର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ବେଳେ ଏ ନେଇ କ୍ଷୋଭ ପ୍ରକାଶ ପାଇଥିଲା।

# ଏଡିଏମ୍‌ଙ୍କୁ ଦାବିପତ୍ର ଦେଲା ଏଏପି

**ବଲାଙ୍ଗୀର ଅଫିସ,୧୩।୬**

ବଲାଙ୍ଗୀର ଜିଲାରେ ଦୁର୍ନୀତି, ଅନିୟମିତତା ଏବେ ସାଧାରଣ କଥା ପାଲଟି ଗଲାଣି। ଏହିଭଳି ଅଭିଯୋଗ କରିଛନ୍ତି ଆମ୍ ଆଦମୀ ପାର୍ଟି(ଏଏପି)ଜିଲା ଆବାହକ ଆଶିଷ ପାଣ୍ଡେ। କଣ୍ଟାବାଞ୍ଜି ଅଞ୍ଚଳରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଦୁର୍ନୀତି ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଟିଟିଲାଗଡ଼ ଡିଭିଜନ ଅନ୍ତର୍ଗତ ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା ଓ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଅନେକ ସଡ଼କ ନିମ୍ନମାନର ହୋଇଛି। ଟିଟିଲାଗଡ଼ ବ୍ଲକର ପିଡବୁଡି ରାସ୍ତା ଛତାଭଟା ଆରଡି ରାସ୍ତାରୁ ବାରିପଦର, ମୁରିବାହାଲରୁ ଗୁଲ୍ଲି, ବଙ୍ଗୋମୁଣ୍ଡା ବ୍ଲକ ଖଇରାରୁ ପିପଲ୍‌ମୁଣ୍ଡା, ମୁରିବାହାଲ ବ୍ଲକ କୁମ୍ଭାରୀରୁ ଚାଉଲସୁଖା ଭଳି ଅନେକ ରାସ୍ତା କାମରେ ଅନିୟମିତତା ହୋଇଥିବା ସେ ଅଭିଯୋଗ ଆଣିଛନ୍ତି। ଦେଓଗାଁ ଓ ସଦର ବ୍ଲକର ବିଭିନ୍ନ ୫-ଟି ସ୍କୁଲ ରୂପାନ୍ତରୀକରଣ କାମ ନିମ୍ନମାନର ହୋଇଛି । ବଡବନ୍ଧ ପୂର୍ଣ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟର ଚାଲିଥିବା ପାଚେରି କାମ ଶେଷ ହେବା ପୂର୍ବରୁ ଭୁଶୁଡି ପଡିଥିଲା। ରାସ୍ତାଘାଟ, ସ୍କୁଲ ପାଇଁ ବିପୁଳ ଟଙ୍କା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜକୋଷରୁ ଆସୁଥିବା ବେଳେ କିଭଳି ହରିଲୁଟ୍ ହେଉଛି ତାର ଉଦାହରଣ ବଲାଙ୍ଗୀର ବୋଲି ଏଏପି ଅଭିଯୋଗ କରିଛି । ଜିଲାପାଳ ଚଞ୍ଚଳ ରାଣାଙ୍କୁ ବିଭିନ୍ନ ସମୟରେ ଏ ନେଇ ଅବଗତ କରିଆସୁଛୁ। ଦଳର ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଜିଲାପାଳ ଦୁର୍ନୀତିର ତଦନ୍ତ ନକଲେ ଆମେ ବାଧ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବୁ ଜିଲା ଆବାହକ ପାଣ୍ଡେ ଚେତାବନୀ ଦେଇଛନ୍ତି। ଜିଲାପାଳ ରାଣାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ରଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା ।


ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମାଓବାଦୀପ୍ରବଣ ଅଞ୍ଚଳ ବୁଲିଲେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ


କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଲାଞ୍ଜିଗଡ଼ ବ୍ଲକ ଗସ୍ତ କରିଛନ୍ତି।

**ଲାଞ୍ଜିଗଡ,୧୩।୬(ଡି.ଏନ.ଏ.)**

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ୨ ଦିନିଆ କଳାହାଣ୍ଡି ଜିଲା ଗସ୍ତର ସୋମବାର ୨ୟ ଦିନରେ ଲାଞ୍ଜିଗଡ ବ୍ଲକ ଗସ୍ତ କରିଛନ୍ତି। ସୋମବାର ପୂର୍ବାହ୍ନରେ ମନ୍ତ୍ରୀ ଭବାନୀପାଟଣା ସର୍କିଟ ହାଉସରୁ ବାହାରି ପ୍ରଥମେ ଭଟାଙ୍ଗପଦର ଗ୍ରାମପଞ୍ଚାୟତ ଗସ୍ତ କରି ରୂପାନ୍ତରିତ ଭଟାଙ୍ଗପଦର ସ୍ମାର୍ଟ ହାଇସ୍କୁଲ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ସହିତ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ସାମିଲ ହୋଇଥିଲେ। ଭଟାଙ୍ଗପଦରଠାରେ ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର, ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଭଟାଙ୍ଗପଦର ସରପଞ୍ଚ ଦଶମୀ ମାଝି, ସମିତିସଭ୍ୟ ରୂପେନ ଛତ୍ରିଆ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ମନ୍ତ୍ରୀ ଲାଞ୍ଜି ଗ୍ରାମପଞ୍ଚାୟତ ଦୁର୍ଗମ ତଳନଙ୍ଗଲବାହାଲି ଗାଁର ୮ଟି ଆଦିବାସୀଙ୍କୁ ଥଇଥାନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାପିତ ବିକାଶନଗର ଗସ୍ତ କରିଥିଲେ। ସେଠାରେ ସରପଞ୍ଚ ଯମୁନା ମାଝି, ସମିତିସଭ୍ୟ ବେଣୁଧର ବାଗ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଲେଖ ସା ପ୍ରମୁଖ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ମନ୍ତ୍ରୀ ଓ ଏମ୍‌ପି ଆଦିବାସୀ ପରିବାର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ମେଡିକାଲ ଅଫିସର ଡା. ନିହାରରଞ୍ଜନ ସାହୁ, ଜନସ୍ୱାସ୍ଥ୍ୟ ଅଧିକାରୀ ଦିବାକର ପ୍ରଧାନ, ବିପିଏମ ସୁରଜିତ ସିଂ କୁମାରଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ହରିହରପୁର ନିକଟସ୍ଥ ସାପୁଲକୁଟା ଡ୍ୟାମ୍ ଚାଲିଥିବା ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ପରିଦର୍ଶନ କରିଥିଲେ। କେନ୍ଦ୍ରମନ୍ତ୍ରୀ ବିଶ୍ୱନାଥପୁର ମଡେଲ ଏକଲବ୍ୟ ସ୍କୁଲ ପରିଦର୍ଶନ କରିବା ପରେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ଟାଙ୍ଗନକଣାଠାରେ ଲେମନ ଗ୍ରାସ ଏବଂ ବାନିଗାଁଠାରେ ପରିଚାଳିତ ମାତୃଶିଶୁ ପ୍ରଯତ୍ନ କେନ୍ଦ୍ର ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଲାଞ୍ଜିଗଡସ୍ଥିତ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ପିଡି ଡିଆର୍‌ଡିଏ ସୋମେଶ କୁମାର ଉପାଧ୍ୟାୟ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ, ପିଏ ଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନ, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଜ୍ୟୋତିରାଣୀ ପାତ୍ର, ମିଶନଶକ୍ତିର ଡିପିସି ପ୍ରମିତ ପାଢୀ, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରବନ୍ଧକ ଲମ୍ବୋଦର ପ୍ରଧାନ, ଲାଞ୍ଜିଗଡ଼ ଏବିଡିଓ ବିଭୂତିଭୂଷଣ ଶତପଥି, ବିପିସି ରାଜେଶ ମହାରଣା ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷ ରାୟ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଅଜୟ ପାଣିଗ୍ରାହୀଙ୍କ ସମେତ ରାଜ୍ୟ, ଜିଲା ଓ ବ୍ଲକସ୍ତରୀୟ ଦଳୀୟ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

**WALK-IN-INTERVIEW**

**JANATA COLLEGE, BOINDA, DIST.- ANGUL - 759127**

**Walk-in-Interview** shall be conducted in Janata College, Boinda, Dist.- Angul for empanelment of faculty members and non-teaching staff for appointment on contractual basis as per the details given in the College website: **www.janatacollegeboinda.org** for the academic session 2022-23.

**Date of Interview: 20.06.2022**

**PRINCIPAL**
**Mob.: 9437331225**

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ଦୈନିକ ଧରିତ୍ରୀର ୧୭ତମ ସମ୍ବଲପୁର ଛାପାର ପୂର୍ତ୍ତି ଅବସରରେ ଶୁଭେଚ୍ଛା ଓ ଉତ୍ତରୋତ୍ତର କାମନା ସହିତ ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼ର ସେବାଞ୍ଚଳ ଅନ୍ତର୍ଗତ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ସମସ୍ତ ଜମାକାରୀ, ଗ୍ରାହକ, ପୃଷ୍ଠପୋଷକ, ଶୁଭେଚ୍ଛୁ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ନିଜ ପରିବାର ତଥା ଅଞ୍ଚଳର ଆର୍ଥିକ ସମୃଦ୍ଧି ଓ ସାମାଜିକ ପ୍ରଗତି ସକାଶେ ଆଗାମୀ ଦିନମାନଙ୍କରେ ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର ଏକାନ୍ତ କାମ୍ୟ ।

ସଂପ୍ରତି ବିଶ୍ୱରେ ମହାମାରୀ ରୂପେ ପ୍ରଭାବ ବିସ୍ତାର କରିଥିବା କରୋନା ରୋଗ (କୋଭିଡ୍-୧୯) ରୁ ନିଜକୁ ତଥା ପରିବାରବର୍ଗଙ୍କ ସହିତ ଅନ୍ୟ ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ନିମ୍ନଲିଖିତ ନିୟମ ପାଳନ କରିବାକୁ ଅନୁରୋଧ ।

୧. ପରସ୍ପର ମଧ୍ୟରେ ସାମାଜିକ ଦୂରତା ବଜାୟ ରଖନ୍ତୁ ।
୨. ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ସାବୁନରେ ହାତ ଧୁଅନ୍ତୁ ।
୩. ଆବଶ୍ୟକ ସ୍ଥଳେ ସାନିଟାଇଜର ବ୍ୟବହାର କରନ୍ତୁ ।
୪. ନିଜକୁ ତଥା ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ।
୫. ବିନା ମାସ୍କରେ ବାହାରକୁ ବାହାରନ୍ତୁ ନାହିଁ ।

**ସମସ୍ତେ ସୁସ୍ଥ ଓ ସୁରକ୍ଷିତ ରହିବା ଆମ୍ଭର କାମନା ।**

ଶ୍ରୀ ହରିଶ୍ଚନ୍ଦ୍ର ଦାସ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

# ପାଣି ପାଇଁ ୫ ଘଣ୍ଟା ରାସ୍ତାରୋକୋ


ମହିଳାମାନେ ମାଠିଆ, ଗରା, ବାଲ୍ଟି ରଖି ରାସ୍ତା ଅବରୋଧ କରିଛନ୍ତି।

**କୋକସରା,୧୩।୬(ଡି.ଏନ.ଏ.)**

- ମାଠିଆ, ଗରା, ବାଲ୍ଟି ରଖି ପ୍ରତିବାଦ
- ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସଦର ଗ୍ରାମର ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ ପାନୀୟ ଜଳ ଯୋଗାଣ ଦାବିରେ ସୋମବାର ୨୬ ନଂ. ଜାତୀୟ ରାଜପଥର ଜଗନ୍ନାଥ ମନ୍ଦିର ଛକ ନିକଟରେ ୫ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ସହକାରୀ ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଛି। ସୂଚନା ଯେ, ୧୫ ଦିନ ହେବ କୋକସରା ଗ୍ରାମରେ ପାନୀୟ ଜଳ ଯୋଗାଣରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅବହେଳାରୁ ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଥିଲେ। ସରପଞ୍ଚଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ ଜାତୀୟ ରାଜପଥରେ ମାଠିଆ, ଗରା, ବାଲ୍ଟି ରଖି ରାସ୍ତା ଅବରୋଧ କରିଥିଲେ। କୋକସରା ଥାନାଧିକାରୀ ପ୍ରସନ୍ନ କୁମାର ବେହେରା, ଜିପିଇଓ ନାରାୟଣ ଭୋଇ, ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସ୍ଥାୟୀ ସମାଧାନ ଦାବି କରି ସେମାନେ ଜିଦରେ ଅଡ଼ି ବସିଥିଲେ। ପରେ ଗ୍ରାମ୍ୟ ଜଳ ଯୋଗାଣ ଧର୍ମଗଡ ଓ କୋକସରା ବ୍ଲକ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଅଙ୍କିତ ପ୍ରତୀକ ଟୋପୋ ପହଞ୍ଚିଥିଲେ। ତାଙ୍କୁ ୩ ଘଣ୍ଟା ଅଟକ ରଖି ସ୍ଥାୟୀ ସମାଧାନ ପାଇଁ ଦାବି କରିଥିଲେ। ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରି ଆଗାମୀ ଦିନରେ କୋକସରା ଗ୍ରାମର ବିଭିନ୍ନ ସ୍ଥାନରେ ୬ଟି ଡିପ ବୋରୱେଲ ଖନନ କରି ପାନୀୟ ଜଳ ଯୋଗାଣ କରାଯିବା। ବର୍ତ୍ତମାନ ପାଇଁ ପର୍ଯ୍ୟାୟକ୍ରମେ ସମସ୍ତ ପଡାକୁ ପାଇପ ଓ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯିବା ନେଇ ଲିଖିତ ପ୍ରତିଶ୍ରୁତି ପରେ ଗୋଟାଏରେ ଗ୍ରାମବାସୀ ରାସ୍ତା ଅବରୋଧରୁ ଓହରିଥିଲେ। ୫ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ଯୋଗୁ ଭବାନୀପାଟଣା-ଜୟପୁର ମଧ୍ୟରେ ଗାଡି ଚଳାଚଳ ଠପ ହୋଇଥିଲା। ରାସ୍ତା ଅବରୋଧ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

DSPL - 76

**ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଜୁନ୍ ୧୪ ତାରିଖ ବିଶ୍ୱ ରକ୍ତଦାତା ଦିବସ । 'ରକ୍ତଦାନ ଏକତାର ପ୍ରତୀକ; ଏହି ମହତ ପ୍ରୟାସରେ ଯୋଗଦେଇ ମୂଲ୍ୟବାନ ଜୀବନ ରକ୍ଷା କରିବା' ଏହା ହେଉଛି ଚଳିତ ବର୍ଷ ବିଶ୍ୱ ରକ୍ତଦାତା ଦିବସ ପାଳନର ମୂଳମନ୍ତ୍ର ।

ରକ୍ତଦାନର କୌଣସି ବିକଳ୍ପ ନାହିଁ । ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତା ଉଭୟ ଗୁରୁତ୍ୱପୂର୍ଣ୍ଣ ଏବଂ ଜରୁରୀ । ଆପଣଙ୍କ ରକ୍ତଦାନ ଅନ୍ୟପାଇଁ ବରଦାନ ସଦୃଶ୍ୟ । ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକତା କରୁଥିବା ରୋଗୀମାନଙ୍କର ଦୁର୍ଲ୍ଲଭ ଜୀବନ ବଞ୍ଚାଇବାକୁ ଆଗେଇ ଆସିବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

ଆସନ୍ତୁ, ରକ୍ତଦାନ କରି ଆମ ବିଶ୍ୱର ସ୍ପନ୍ଦନକୁ ଜାରି ରଖିବା ଏବଂ ରକ୍ତ ପାଇଁ ଅକାଳରେ ଝରି ପଡୁଥିବା ଜୀବନକୁ ରକ୍ଷା କରିବା । ଏପରି ପୂଣ୍ୟ କାମ କରୁଥିବା ସମସ୍ତ ରକ୍ତଦାତାମାନଙ୍କୁ ମୁଁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ନବୀନ ପଟ୍ଟନାୟକ)

**ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା**

ପ୍ରତିବର୍ଷ ଜୁନ୍ ୧୪ ତାରିଖ 'ବିଶ୍ୱ ରକ୍ତଦାତା ଦିବସ' ରୂପେ ପାଳନ କରାଯାଉଛି । ଆଜିର ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ । ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିବା । ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାରେ ଥାଏ ଅପୂର୍ବ ଆନନ୍ଦ ।

ସ୍ୱତଃସ୍ଫୂର୍ତ୍ତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କର ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ଦେବଦୂତ ସାଜୁଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଆନ୍ତରିକ ଶୁଭେଚ୍ଛା ।

(ନବ କିଶୋର ଦାସ )
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା

OIPR-10080/13/0002/2223

E.mail- rw_sundargarh@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**

No.O-460: **E-PROCUREMENT NOTICE**

**BID IDENTIFICATION NO. ONLINE-SESNG-10 of 2022-23**

1. Name of the Work : Road Works
2. Total No. of Works : 04 Nos. Road
3. Estimated Cost : Rs.50.97 Lakhs to Rs.74.22 Lakhs
4. Class of Contractor : 'B' & 'A'
5. Period of Completion : 04 Calendar Months
6. Type of Tender : Double Cover
7. Other details :

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online -SESNG-10 of 2022-23 | 17.06.2022 11.00 A.M. | 30.06.2022 05.30 P.M. |

Further details can be seen from the website www.tendersorissa.gov.in.

**Sd./- Superintending Engineer**
**Rural Works Division, Sundargarh**
**OIPR-25046/11/0012/2223**

**GOVERNMENT OF ODISHA** No. O-465

**OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR**

No.2308 / Date: 10.06.2022

**"e" PROCUREMENT NOTICE FOR BUILDING WORKS**

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of Packages | : | 05 Nos. of Building Works |
| 3. | Estimated Cost of the Package | : | Varies from Rs.165.05 lakhs to Rs.453.02 lakhs |
| 4. | Class of Contractors | : | |
| | a) Estimated cost more than Rs.40.00 lakhs upto Rs.300.00 Lakhs | : | B Class & A Class (of Odisha PWD) or relevant Class of other licensing authorities |
| | b) Estimated cost more than Rs.3.00 Crores upto Rs.6.00 Crores | : | A Class & Special Class (of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.-16 of 2022 | 30.06.22 at 11.00 A.M. | 15.07.22 upto 5.00 P.M. | 16.07.22 upto 11.00 A.M. | To be intimated later on |

Further details can be seen from the website: **www.tendersorissa.gov.in**.

OIPR-25082/11/0010/2223

**Chief Construction Engineer,**
**Central Rural Works Circle, Bhubaneswar**

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଅମ୍ବାଭୋନା,(ଡି.ଏନ.ଏ): ଅମ୍ବାଭୋନା ବ୍ଲକ ସଭାକକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ ପି. ପରମାର, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ବିଡ଼ିଓ ଅନୁପମା ଘୋଷ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ୭୬ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବଡ଼ଧରାରେ ପାନୀୟଜଳ ସମସ୍ୟା, ଅମ୍ବାଭୋନା ବ୍ଲକକୁ ମରୁଡ଼ି ଘୋଷଣା କରି ଫସଲବୀମା, ଭୁଲ୍ଟା ମାର୍କେଟ ୟାର୍ଡ଼ରେ କମ୍ପ୍ଲେକ୍ସ ନିର୍ମାଣ, ଚଣ୍ଡିପାଲି ବସ୍ତି-ଧୁବାପଡ଼ା ରାସ୍ତା ନିର୍ମାଣ, ଭୁଲ୍ଟା ସିଏଚସିକୁ ୧୦୮ ଆମ୍ବୁଲାନ୍ସ ଦେବାକୁ ଲୋକେ ଦାବି କରିଥିଲେ ।

# ପୋଲିସ କବ୍‌ଜାରେ ୭ ଆନ୍ତଃଜିଲା ଡକାୟତ

**ସଇଁତଲା,୧୩।୬(ଡି.ଏନ.ଏ.)**


ଅଭିଯୁକ୍ତମାନଙ୍କୁ ଖବରଦାତା ସମ୍ମିଳନୀରେ ପୋଲିସ ହାଜର କରିଛି।

- ଫାଇନାନ୍ସ କର୍ମଚାରୀଙ୍କୁ ଟାର୍ଗେଟ କରି ଲୁଟ୍ କରୁଥିଲେ
- ୩ ବାଇକ, ମାରଣାସ୍ତ୍ର ଓ ଲାପଟପ ଜବତ
- ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ:ଏସ୍‌ଡିପିଓ

ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ଟାର୍ଗେଟ କରି ଲୁଟ୍‌ପାଟ୍ କରୁଥିବା ଏକ ଆନ୍ତଃଜିଲା ଡକାୟତ ଦଳର ୭ଜଣଙ୍କୁ କବ୍‌ଜାକୁ ନେଇଛି ବଲାଙ୍ଗୀର ଜିଲା ସଇଁତଲା ଥାନା ପୋଲିସ। ସେମାନଙ୍କ ପାଖରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର, ମୋବାଇଲ,ବାଇକ୍ ଜବତ କରାଯାଇଛି। ୨ଜଣ ଡକାୟତ ଫେରାର ହୋଇଯାଇଛନ୍ତି। ସୋମବାର ସନ୍ଧ୍ୟାରେ ସଇଁତଲା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଟିଟିଲାଗଡ଼ ଏସ୍‌ଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ।

ଏସ୍‌ଡିପିଓ ଶତପଥୀଙ୍କ ସୂଚନା ଅନୁସାରେ ଗତ ଚାରିମାସ ହେଲା ଜିଲାର ବଲାଙ୍ଗୀର ସଦର ଥାନା, ସଇଁତଲା, ପାଟଣାଗଡ଼, ବେଲପଡ଼ା, ତୁଷୁରା, ଦେଓଗାଁ, ମୁରିବାହାଲ ଏବଂ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅଞ୍ଚଳରେ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କୁ ଏହି ଡକାୟତ ଦଳ ଟାର୍ଗେଟ କରି ଆସୁଥିଲେ। ଋଣ ଗ୍ରହୀତାଙ୍କଠାରୁ ଅସୁଲ ଟଙ୍କା ଆଦାୟ କରି ଫେରୁଥିବାବେଳେ ଏହି ଗ୍ରୁପର ଡକାୟତମାନେ ସେମାନଙ୍କୁ ପିଛା କରୁଥିଲେ। ଆକ୍ରମଣ କରିବା ସହ ଟଙ୍କା ଲୁଟି ଫେରାର ହୋଇ ଯାଉଥିଲେ। ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ସମସ୍ତ ଥାନାକୁ ଡ଼କାୟତମାନଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ରବିବାର ବିଳମ୍ବିତ ରାତିରେ କଳାହାଣ୍ଡି ଛକ ନିକଟରେ ୯ ଜଣ ସନ୍ଦିଗ୍ଧ ଏକଜୁଟ ହୋଇଥିବା ଖବର ମିଳିଥିଲା। ସଇଁତଲା ଥାନାଧିକାରୀ ଅବନୀ କୁମାର ସାହୁ, ଏସଆଇ ସଙ୍ଗୀତା ବେକ, ଏସଆଇ ଥବୀର ମହାରଣା, ସର୍ବେଶ୍ୱର ସାହୁ, ବେଲଗାଁ ଫାଣ୍ଡି ଅଧିକାରୀ, ଟିକ୍ରାପଡ଼ା ଓ ବଡ଼ମାଳ ଫାଣ୍ଡି ଅଧିକାରୀ ସଦଳବଳେ ଚଢ଼ାଉ କରିଥିଲେ। ସେଠାରେ ଥିବା ବେଲପଡ଼ା ଥାନା ଦୁଙ୍ଗୁରିଗୁଡ଼ାର ପ୍ରତାପ ସୁନା (୨୨), ସଇଁତଲା ଥାନା ଖାସବାହାଲର ଦୁଃଖ ଓରଫ ଦୁଃଖନାଶନ ନାଏକ (୨୩), ଶିଶୁ ନାଗ (୨୩), ପରମା ସେଠ (୩୧), ରାଜେଶ ନାଗ(୩୦), ମୁକେଶ ଜାନୀ (୨୧) ଓ ଦେଓଗାଁ ଥାନା ଫଟାମୁଣ୍ଡାର ରୋହିତ ନନ୍ଦ (୨୫)ଙ୍କୁ ପୋଲିସ କାବୁ କରିଥିଲା। ୨ଡକାୟତ କୌଣସିମତେ ଖସି ପଳାଇଥିଲେ। ଧରା ପଡିଥିବା ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ସେମାନେ ବିଭିନ୍ନ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ଗୋଟିଏ ଛୁରି, ଦୁଇଟି ଲୁହାରଡ଼, ଦୁଇଟି ଟର୍ଚ୍ଚ ଲାଇଟ, ଗୋଟିଏ ଲୁହା ତିଆରି ମାରଣାସ୍ତ୍ର, ୬ଟି ମୋବାଇଲ ଫୋନ, ଦୁଇଟି ଲାପଟପ, ଦୁଇଟି ବ୍ୟାଗ, ଗୋଟିଏ ପଲସର (ନଂ. ଓଡ଼ି–୦୩–ଟି–୧୯୩୯), ଗୋଟିଏ ଏଭେଞ୍ଜର (ନଂ. ଓଡ଼ି–୦୩–କ୍ୟୁ–୪୭୪୬), ଗୋଟିଏ ଏଚଏଫ ଡ଼ିଲକ୍ସ ସହ ୧୯ହଜାର ୭ଶହ ଟଙ୍କା ଜବତ କରାଯାଇଛି। ସେମାନଙ୍କ ନାମରେ ସଇଁତଲା ଥାନାରେ ୧୦ଟି, ବେଲପଡ଼ା ଥାନାରେ ଗୋଟିଏ, ବଲାଙ୍ଗୀର ସଦର ଥାନାରେ ଗୋଟିଏ, ତୁଷୁରା ଥାନାରେ ୪, ଦେଓଗାଁ ଥାନାରେ ୪, ମୁରିବାହାଲ ଥାନାରେ ଗୋଟିଏ ଓ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନାରେ ୫ଟି ଡ଼କାୟତି ମାମଲା ରହିଛି। ମୁଖ୍ୟ ଅଭିଯୁକ୍ତପ୍ରତାପ ସୁନା ଧରା ପଡିଥିବା ଏସ୍‌ଡ଼ିପିଓ ଶତପଥୀ କହିଛନ୍ତି। ସଇଁତଲା ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଟିଟିଲାଗଡ଼ ଜେଲକୁ ପଠାଇ ଦିଆଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ ଶତପଥୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ସଇଁତଲା ଥାନା ଭେଜିପଦର ଛକ ନିକଟରୁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କିଓସ୍କ ସେଣ୍ଟର ଖୋଲିଥିବା ରିତୁ ସାହୁଙ୍କଠାରୁଡ଼କାୟତମାନେଲୁଟିନେଇଥିବା ଲାପଟପ ତାଙ୍କୁ ଏସ୍‌ଡିପିଓ ଶତପଥି ଫେରାଇ ଦେଇଥିଲେ। ଖବରଦାତା ସମ୍ମିଳନୀରେ ସଇଁତଲା ଥାନାଧିକାରୀ ଅବନୀ କୁମାର ସାହୁ ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିରରେ ଚକା ଅସରପ ନୀତି


ଚକା ଅସରପ ନୀତି ପାଇଁ ବିଗ୍ରହମାନଙ୍କୁ ରତ୍ନ ସିଂହାସନରୁ ଅଣାଯାଉଛି।

**ଅମରପାଲି, ୧୩।୬ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସୋମବାର ରାତି ପ୍ରାୟ ଆଠଟା ପରେ ଚତୁର୍ଦ୍ଧା ବିଗ୍ରହଙ୍କ ଚକା ଅସରପ ନୀତି ଆରମ୍ଭ ହୋଇଛି। ସନ୍ଧ୍ୟା ନୀତି ସରିଲା ପରେ ପହୁଣ୍ଡି କମିଟିର ମୁଖ୍ୟ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ସୁଦର୍ଶନଙ୍କୁ ମୁଖ୍ୟ ବାଡ଼ଗ୍ରାହୀ ଭଗବାନ ମିଶ୍ର ରତ୍ନ ସିଂହାସନରୁ ଆଣିଥିଲେ। ପରେ ବଳଭଦ୍ର, ଏହାପରେ ସୁଭଦ୍ରା ଓ ଶେଷରେ ଜଗତରନାଥ ଜଗନ୍ନାଥଙ୍କୁ ଅଣାଯାଇଥିଲା। ମଙ୍ଗଳବାର ଭୋରରୁ ସମସ୍ତ ନୀତିକାନ୍ତି ପରେ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ବିଗ୍ରହଙ୍କୁ ସ୍ନାନ ମଣ୍ଡପକୁ ଅଣାଯିବ। ସେଠାରେ ୧୦୮ ଗରାରେ ଚତୁର୍ଦ୍ଧା ବିଗ୍ରହଙ୍କ ସ୍ନାନପରେ ଅଣସର ପିଣ୍ଡିକୁ ନିଆଯିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ଏହି ଚକା ଅସରପ ନୀତିରେ ମନ୍ଦିର କମିଟିର ମୁଖ୍ୟ ଟ୍ରଷ୍ଟି ବିଷ୍ଣୁ ଚରଣ ପଣ୍ଡା, ପହୁଣ୍ଡି କମିଟିର ସହ ପ୍ରଭାରୀ ଯୁଗଳ କିଶୋର ମିଶ୍ର, ଶିବ ରମଣ ପଣ୍ଡା, ଲଳିତ କୁମାର କର,ସତ୍ୟ ନାରାୟଣ ଚାନ୍ଦ, ଦିଲ୍ଲୀପ କୁମାର ତ୍ରିପାଠୀ, ଏବର୍ଷ ଗଜପତି ବିଷ୍ଣୁ ଚରଣ ପଣ୍ଡା ଙ୍କ ପିତୃ ବିୟୋଗ ଯୋଗୁଁ ତାଙ୍କର କନିଷ୍ଠ ଭ୍ରାତା ଲଳିତ କୁମାର ପଣ୍ଡା ଗଜପତି କାର୍ଯ୍ୟ ନିର୍ବାହ କରୁଛନ୍ତି। ଜଗନ୍ନାଥ ମନ୍ଦିର ପୂଜକ ବିଶ୍ୱାମିତ୍ର ଚାନ୍ଦ, ବିମଳା ମନ୍ଦିର ପୂଜକ ପଣ୍ଡିତ ଆଚାର୍ଯ୍ୟ ସୁଶାନ୍ତ କୁମାର ପୁରୋହିତ, ପଣ୍ଡିତ ମନରଞ୍ଜନ ଦାସ, ପ୍ରଦୀପ କୁମାର ମିଶ୍ର ଓ ମନ୍ଦିର ପରିଚାଳନା କମିଟିସଦସ୍ୟ ସାମିଲ ହୋଇଥିଲେ।

# କୋସଲ ଜନ ଜାଗରଣ ରଥର ଶୁଭାରମ୍ଭ

**ବରଗଡ଼ ଅଫିସ୍,୧୩।୬**

### ୮ ଅଗଷ୍ଟ ଦିଲ୍ଲୀ ଚାଲ ଡାକରା

ବରଗଡ଼ ଜିଲା ଗାଇସିଲେଟ ବହଲତଲ ଗୁଡ଼ି (ମନ୍ଦିର)ରେ ରବିବାର କୋସଲ ଜନ ଜାଗରଣ ରଥର ଶୁଭାରମ୍ଭ ହୋଇଛି। କୋସଲ ଯୁବଶକ୍ତିର ସଭ୍ୟବୃନ୍ଦ ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ ରଥ ଗାଇସିଲେଟ ପରିକ୍ରମା କରି ସ୍ଥାନୀୟ ପଞ୍ଚାୟତ ସମିତି କଲେଜରେ ପହଞ୍ଚିଥିଲା। କୋସଲାଞ୍ଚଳକୁ ସରକାରଙ୍କ ଉପେକ୍ଷା, ଅଣଦେଖା, ହତାଦର ପ୍ରତିବାଦ ତଥା କୋସଲି ଭାଷାର ସାମ୍ବିଧାନିକ ମାନ୍ୟତା, ହାଇକୋର୍ଟ ବେଞ୍ଚ, ଚାଷୀଙ୍କୁ ଫସଲବୀମା କ୍ଷତିପୂରଣ ପ୍ରଦାନ, ଦାଦନ ଓ ବେକାରୀ ସମସ୍ୟାର ସମାଧାନ ନେଇ ଏହି ରଥ ଜନ ଜାଗରଣ ସୃଷ୍ଟି କରୁଛି। ଏହି ଦାବି ସମୂହକୁ ନେଇ ଆସନ୍ତା ଅଗଷ୍ଟ ୮ତାରିଖରେ ଦିଲ୍ଲୀ ଗସ୍ତ କରି ସେଠାରେ ଧାରଣା କାର୍ଯ୍ୟକ୍ରମ ରହିଥିବା କୋସଲ ଯୁବଶକ୍ତିର ଡଃ ସାକେତ୍ ଶ୍ରୀଭୂଷଣ ସାହୁ ସୂଚନା ଦେଇଛନ୍ତି। କୋସଲ ଯୁବଶକ୍ତିର ନିରଞ୍ଜନ ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ, ହେମନ୍ତ ପଣ୍ଡା, ବୈରାଗୀ ସାହୁ, ହିତାଂଶୁ ସାହୁ, ବଲ୍ଲଭ ସାହୁ, ଦିଲୀପ ସରାପ, ପୁରୁଷ୍ଟମ ଜୁଆଡ଼ି, କେଦାରନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କୋସଲ ଜନ ଜାଗରଣ ରଥର ଶୁଭାରମ୍ଭ କରାଯାଉଛି ।

# ମନ୍ତ୍ରୀ ଅମାତଙ୍କୁ ବୌଦ୍ଧରେ ସ୍ୱାଗତ, ନାଗରିକ ସମ୍ମାନ


ଜିଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ବୌଦ୍ଧ,୧୩।୬(ସ୍ୱ.ପ୍ର)**

ରାଜ୍ୟ ମନ୍ତ୍ରୀମଣ୍ଡଳରେ ତୃତୀୟ ଥର ମନ୍ତ୍ରୀ ଭାବରେ ସ୍ଥାନ ପାଇବା ସହିତ ତିନୋଟି ପ୍ରମୁଖ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ବୌଦ୍ଧ ଗସ୍ତ ଅବସରରେ ତାଙ୍କୁ ଜିଲାବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ କରାଯିବା ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି। ଦିନ ୨ଟାରେ ମନ୍ତ୍ରୀ ଅମାତଙ୍କୁ ନୟାଗଡ ଓ ବୌଦ୍ଧ ସୀମାନ୍ତ ବଦଳାଠାରୁ ଦଳୀୟ ନେତା ଓ କର୍ମୀମାନେ ବିରାଟ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ହରଭଙ୍ଗା ବ୍ଲକର ମାଧପୁରଠାରୁ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ ସ୍ୱାଗତ କରିବା ସହିତ ରାସ୍ତାର ଆଡେଣୀଗଡ, ଚାରିଛକ, ପୁରୁଣାକଟକ, ଲୁଣିବାହାଲ, ବୀରନରସିଂହପୁର, ବାମଣ୍ଡା, ସରସରା ଓ ବୁଟୁପାଲି ଠାରେ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଅମାତ ବୌଦ୍ଧରେ ପହଞ୍ଚିବା ପରେ ବୁଟୁପାଲିଠାରୁ ତାଙ୍କୁ ସ୍ୱାଗତ କରାଯିବା ସହିତ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଟାଉନହଲଠାରେ ଆୟୋଜିତ ନାଗରିକ ସମ୍ମାନ ସମାରୋହରେ ମନ୍ତ୍ରୀ ଅମାତଙ୍କୁ ପ୍ରଥମେ ବ୍ରାହ୍ମଣ ସମାଜ ପକ୍ଷରୁ ଆଶୀର୍ବାଦ ପ୍ରଦାନ କରାଯିବା ପରେ ବରିଷ୍ଠ ନାଗରିକ ମଞ୍ଚ, ଜିଲା ଓକିଲ ସଂଘ, ଜିଲା ସାମ୍ବାଦିକ ସଂଘ, ବୌଦ୍ଧ ବଣିକ ସଂଘ, ବିଜେଡି ଆଇନ ସେଲ, ଜିଲା କ୍ରିଡା ସଂଘ, ଶ୍ରୀରାମଲୀଳା ନାଟ୍ୟ ସଂସଦ, ଗେହ୍ଲାମା କଳାନିକେତନ, ମଦନମୋହନ ନାଟ୍ୟକଳା ପରିଷଦ, ପ୍ରଣାମ, ସତ୍ୟସାଇ ସେବା ସଙ୍ଗଠନ, ମାରୱାଡି ଯୁବାମଞ୍ଚ, ଘରୋଇ ବସମାଲିକ ସଂଘ, ଜିଲା ଟ୍ରକ ମାଲିକ ସଂଘ, ବୌଦ୍ଧ ଏନଏସି କର୍ମଚାରୀ ସଂଘ, ଅଣଗେଜେଟେଡ ସରକାରୀ କର୍ମଚାରୀ ସଂଘ, ରାଜସ୍ୱ ଅମଲା ସଂଘ, ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘ ଆଦି ସମୁଦାୟ ୬୪ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭାସିନୀ ଦାସ, ଏମ୍‌ପି ପ୍ରତିନିଧି ତାରେଣି କୁମାର ମହାପାତ୍ର, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଆଶୁତୋଷ ମହାପାତ୍ର, ଛାତ୍ର ବିଜେଡି ସଭାପତି ସଂଗ୍ରାମ ଦାସ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଅଶୋକ ସାହୁ ଓ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

**WALK-IN-INTERVIEW**
**JANATA COLLEGE, BOINDA, DIST.- ANGUL - 759127**
**Walk-in-Interview** shall be conducted in Janata College, Boinda, Dist.- Angul for empanelment of faculty members and non-teaching staff for appointment on contractual basis as per the details given in the College website: **www.janatacollegeboinda.org** for the academic session 2022-23.
**Date of Interview: 20.06.2022**
**PRINCIPAL**
**Mob.: 9437331225**

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**
ଦୈନିକ ଧରିତ୍ରୀର ୧୭ତମ ସମ୍ବଲପୁର ଛାପାର ପୂର୍ତ୍ତି ଅବସରରେ ଶୁଭେଚ୍ଛା ଓ ଉତ୍ତରୋତ୍ତର କାମନା ସହିତ ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼ର ସେବାଞ୍ଚଳ ଅନ୍ତର୍ଗତ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ସମସ୍ତ ଜମାକାରୀ, ଗ୍ରାହକ, ପୃଷ୍ଠପୋଷକ, ଶୁଭେଚ୍ଛୁ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ନିଜ ପରିବାର ତଥା ଅଞ୍ଚଳର ଆର୍ଥିକ ସମୃଦ୍ଧି ଓ ସାମାଜିକ ପ୍ରଗତି ସକାଶେ ଆଗାମୀ ଦିନମାନଙ୍କରେ ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର ଏକାନ୍ତ କାମ୍ୟ ।
ସଂପ୍ରତି ବିଶ୍ୱରେ ମହାମାରୀ ରୂପେ ପ୍ରଭାବ ବିସ୍ତାର କରିଥିବା କରୋନା ରୋଗ (କୋଭିଡ୍–୧୯) ରୁ ନିଜକୁ ତଥା ପରିବାରବର୍ଗଙ୍କ ସହିତ ଅନ୍ୟ ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ନିମ୍ନଲିଖିତ ନିୟମ ପାଳନ କରିବାକୁ ଅନୁରୋଧ ।
୧. ପରସ୍ପର ମଧ୍ୟରେ ସାମାଜିକ ଦୂରତା ବଜାୟ ରଖନ୍ତୁ ।
୨. ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ସାବୁନରେ ହାତ ଧୁଅନ୍ତୁ ।
୩. ଆବଶ୍ୟକ ସ୍ଥଳେ ସାନିଟାଇଜର ବ୍ୟବହାର କରନ୍ତୁ ।
୪. ନିଜକୁ ତଥା ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ।
୫. ବିନା ମାସ୍କରେ ବାହାରକୁ ବାହାରନ୍ତୁ ନାହିଁ ।
**ସମସ୍ତେ ସୁସ୍ଥ ଓ ସୁରକ୍ଷିତ ରହିବା ଆମ୍ଭର କାମନା ।**
ଶ୍ରୀ ହରିଶ୍ଚନ୍ଦ୍ର ଦାସ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

# ମୋଦିଙ୍କ ସରକାରରେ ଗରିବଙ୍କୁ ଲାଭ ମିଳିଛି


ଏମ୍‌ପି ସଙ୍ଗୀତା ସିଂହଦେଓ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ସୁବର୍ଣ୍ଣପୁରରେ ଭାଜପାର ବିକାଶ ତୀର୍ଥ ରାଲି

**ସୋନପୁର,୧୩।୬(ନି.ପ୍ର.):** କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣପୁର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ବିକାଶ ତୀର୍ଥ ରାଲି ଅନୁଷ୍ଠିତ ହୋଇଯାଇଛି। ସୋନପୁର ଉପକଣ୍ଠ ଝିଙ୍କିଠାରୁ ଭାଜପା କର୍ମକର୍ତ୍ତାମାନେ ଏକ ବାଇକ୍ ରାଲିରେ ସହର ପରିକ୍ରମା କରିଥିଲେ। ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଜନଜାଗରଣ ସୃଷ୍ଟି କରାଯାଇଥିଲା। ପରେ ପୁରୁଣା ଟାଉନ ହଲ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ସଭାରେ ମୋଦି ସରକାରଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମୋଦିଙ୍କ ସରକାରରେ ଗରିବଙ୍କୁ ଲାଭ ମିଳିଛି। ସମାଜର ଅନ୍ତିମ ପର୍ଯ୍ୟାୟରେ ଥିବା ଲୋକଙ୍କ ନିକଟରେ ଯୋଜନା ପହଞ୍ଚିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ଯୋଗାଯୋଗ, କୃଷି, ବନୀକରଣ, ଇନ୍ଧନ ଗ୍ୟାସ, ପାଇପ ଯୋଗେ ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ, ଜଳସେଚନ, ପରିମଳ ଓ ବାସସ୍ଥାନ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ତେବେ ରାଜ୍ୟ ସରକାର ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ ପ୍ରଚାର କରୁଥିବା ଏମ୍‌ପି ସିଂଦେଓ ଅଭିଯୋଗ କରିଥିଲେ। ୨୦୧୪ ମସିହା ପରେ ଦେଶରେ ଏମ୍ସ, ମେଡିକାଲ କଲେଜ ସଂଖ୍ୟା ବଢିଛି। ଖୋର୍ଦ୍ଧା–ବଲାଙ୍ଗୀର ରେଳପଥକୁ ଯଥେଷ୍ଟ ଗୁରୁତ୍ୱ ମିଳିଛି। କୋଭିଡ ମହାମାରୀକୁ ସଫଳତାର ସହ ମୁକାବିଲା କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବଙ୍କୁ ଟଙ୍କିଆ ଚାଉଳ/ଗହମ ପ୍ରଦାନ ସହ କୋଭିଡ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୨ ବର୍ଷ ଧରି ମାଗଣାରେ ଚାଉଳ ଯୋଗାଇ ଦିଆଯାଉଛି । ଧାନର ଏମ୍ଏସ୍‌ପି ବୃଦ୍ଧି ସହ ଚାଷୀଙ୍କ ନିକଟରୁ ସିଧାସଳଖ ଧାନକ୍ରୟ ବ୍ୟବସ୍ଥା ହୋଇଛି। ସହରର ଉଠା ଦୋକାନୀଙ୍କୁ ୩ଟି କିସ୍ତିରେ ୩ହଜାର ଲେଖାଏ କୋଭିଡ ସହାୟତା ଦିଆଯାଇଛି। ସହର ଓ ଗ୍ରାମାଞ୍ଚଳରେ ଗରିବଙ୍କୁ ଘର ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ)ରେ ବ୍ୟାପକ ଅନୁଦାନ ଆସିଛି। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ପ୍ରାକ୍ତନ ଜିଲା ପରିଷଦ ସଭାପତି ଆନନ୍ଦ ବାରିକ, ଭାଜପା ଯୁବ ମୋର୍ଚ୍ଚାର ଜିଲା ସଭାପତି ସନ୍ତୋଷ କୁମାର ଭୋଇ, ଉଷା କୁମାରୀ, ରୁଦ୍ର କିଶୋର ମହଲା, ଏମ୍‌ପିଙ୍କ ପ୍ରତିନିଧି ଶରତ ଶତପଥୀ, ନଳିନୀ ପଣ୍ଡା, ବିଶ୍ୱମ୍ଭର ମିଶ୍ର, ହେମନ୍ତ ବିଶ୍ୱାଳ, ଜ୍ୟୋତି ତ୍ରିପାଠୀ ଓ ନିତାଇ ପାଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ କରୋନା ସମୟରେ ସେବା ଯୋଗାଇ ଥିବା ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀଙ୍କୁ ଏମ୍‌ପି ସିଂଦେଓ ସମ୍ବର୍ଦ୍ଧିତ କରିଥିଲେ।

DSPL - 76


**ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଜୁନ୍ ୧୪ ତାରିଖ ବିଶ୍ୱ ରକ୍ତଦାତା ଦିବସ । 'ରକ୍ତଦାନ ଏକତାର ପ୍ରତୀକ; ଏହି ମହତ ପ୍ରୟାସରେ ଯୋଗଦେଇ ମୂଲ୍ୟବାନ ଜୀବନ ରକ୍ଷା କରିବା' ଏହା ହେଉଛି ଚଳିତ ବର୍ଷ ବିଶ୍ୱ ରକ୍ତଦାତା ଦିବସ ପାଳନର ମୂଳମନ୍ତ୍ର ।

ରକ୍ତଦାନର କୌଣସି ବିକଳ୍ପ ନାହିଁ । ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତା ଉଭୟ ଗୁରୁତ୍ୱପୂର୍ଣ୍ଣ ଏବଂ ଜରୁରୀ । ଆପଣଙ୍କ ରକ୍ତଦାନ ଅନ୍ୟପାଇଁ ବରଦାନ ସଦୃଶ୍ୟ । ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକତା କରୁଥିବା ରୋଗୀମାନଙ୍କର ଦୁର୍ଲ୍ଲଭ ଜୀବନ ବଞ୍ଚାଇବାକୁ ଆଗେଇ ଆସିବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

ଆସନ୍ତୁ, ରକ୍ତଦାନ କରି ଆମ ବିଶ୍ୱର ସ୍ପନ୍ଦନକୁ ଜାରି ରଖିବା ଏବଂ ରକ୍ତ ପାଇଁ ଅକାଳରେ ଝରି ପଡୁଥିବା ଜୀବନକୁ ରକ୍ଷା କରିବା । ଏପରି ପୂଣ୍ୟ କାମ କରୁଥିବା ସମସ୍ତ ରକ୍ତଦାତାମାନଙ୍କୁ ମୁଁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ନବୀନ ପଟ୍ଟନାୟକ)


**ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା**

ପ୍ରତିବର୍ଷ ଜୁନ୍ ୧୪ ତାରିଖ 'ବିଶ୍ୱ ରକ୍ତଦାତା ଦିବସ' ରୂପେ ପାଳନ କରାଯାଉଛି । ଆଜିର ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ । ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିବା । ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାରେ ଥାଏ ଅପୂର୍ବ ଆନନ୍ଦ ।

ସ୍ୱତଃସ୍ଫୂର୍ତ୍ତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କର ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ଦେବଦୂତ ସାଜୁଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଆନ୍ତରିକ ଶୁଭେଚ୍ଛା ।

(ନବ କିଶୋର ଦାସ )
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା

OIPR-10080/13/0002/2223

E.mail- rw_sundargarh@yahoo.co.in
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
**No.O-460: E-PROCUREMENT NOTICE**
**BID IDENTIFICATION NO. ONLINE-SESNG-10 of 2022-23**

1. Name of the Work : Road Works
2. Total No. of Works : 04 Nos. Road
3. Estimated Cost : Rs.50.97 Lakhs to Rs.74.22 Lakhs
4. Class of Contractor : 'B' & 'A'
5. Period of Completion : 04 Calendar Months
6. Type of Tender : Double Cover
7. Other details :

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online -SESNG-10 of 2022-23 | 17.06.2022 11.00 A.M. | 30.06.2022 05.30 P.M. |

Further details can be seen from the website www.tendersorissa.gov.in.
**Sd./- Superintending Engineer**
**Rural Works Division, Sundargarh**
**OIPR-25046/11/0012/2223**

**GOVERNMENT OF ODISHA** No. O-465
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
No.2308 / Date: 10.06.2022
**"e" PROCUREMENT NOTICE FOR BUILDING WORKS**

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of Packages | : | 05 Nos. of Building Works |
| 3. | Estimated Cost of the Package | : | Varies from Rs.165.05 lakhs to Rs.453.02 lakhs |
| 4. | Class of Contractors | : | |
| | a) Estimated cost more than Rs.40.00 lakhs upto Rs.300.00 Lakhs | : | B Class & A Class (of Odisha PWD) or relevant Class of other licensing authorities |
| | b) Estimated cost more than Rs.3.00 Crores upto Rs.6.00 Crores | : | A Class & Special Class (of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.-16 of 2022 | 30.06.22 at 11.00 A.M. | 15.07.22 upto 5.00 P.M. | 16.07.22 upto 11.00 A.M. | To be intimated later on |

Further details can be seen from the website: **www.tendersorissa.gov.in**.
**Chief Construction Engineer,**
**Central Rural Works Circle, Bhubaneswar**
OIPR-25082/11/0010/2223

# ୧୫ ଦିନ ହେଲା ପାନୀୟଜଳ ଯୋଗାଣ ବନ୍ଦ

ବଡ଼ଗାଁ, ୧୩।୬ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ବଡ଼ଗାଁବସ୍ତି ଓ ଲଟାଗାଁରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଦୀର୍ଘ ୧୫ଦିନ ହେଲା ପାନୀୟଜଳ ଯୋଗାଣ ବନ୍ଦ ଅଛି। ଫଳରେ ଉଭୟ ପଡ଼ାବାସୀ ଘୋର ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଉକ୍ତ ଅଞ୍ଚଳର ମହିଳାମାନେ ସୋମବାର ବିଡିଓ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) କାର୍ଯ୍ୟାଳୟକୁ ଯାଇ ଲିଖିତ ଭାବେ ଜଣାଇଛନ୍ତି। ବଡ଼ଗାଁବସ୍ତି ଓ ଲଟାଗାଁରେ ୪ଶହ ପରିବାରର ୧୫ଶହରୁ ଅଧିକ ଲୋକ ବାସ କରନ୍ତି। ମାତ୍ର ଜଳଯୋଗାଣ ପାଇପ ଫାଟିଯିବାରୁ ଦୀର୍ଘ ୧୫ଦିନ ହେଲା ପାନୀୟଜଳ ଯୋଗାଣ ବନ୍ଦ ଅଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁ ଗ୍ରାମବାସୀ ପାନୀୟଜଳ ଅଭାବରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳାମାନେ ଦୂରଦୂରାନ୍ତରେ ଥିବା ନଳକୂଅରୁ ପାଣି ଆଣୁଛନ୍ତି। ଗାଁରେ ହେଉଥିବା ବିବାହ, ପର୍ବପର୍ବାଣିରେ ପାଣିର ଘୋର ଅଭାବ ଦେଖାଦେଇଥିବାରୁ ସମସ୍ୟା ବଢ଼ିଯାଉଛି। ଯାନ୍ତ୍ରିକ ତ୍ରୁଟି ହେଉ ବା ପାଇପ ଫାଟିଥିବା ଯୋଗୁ ହେଉ ସମସ୍ୟାର ସମାଧାନ କରାଯାଉନାହିଁ। ତେଣୁ ଅଞ୍ଚଳର ମହିଳା କୁନ୍ତୀ ପୃଷେଟ, ଗୌରୀ ପୃଷେଟ, ଜ୍ୟୋତି ସାହୁ, ପ୍ରଭାସିନୀ ପଣ୍ଡା, ନର୍ମଦା ସାହୁ ପ୍ରମୁଖ ବ୍ଲକ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) କାର୍ଯ୍ୟାଳୟକୁ ଯାଇଥିଲେ। ସେମାନଙ୍କ ସହିତ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଓ ପୂର୍ବତନ ନାଏବ ସରପଞ୍ଚ କେଶବ କର୍ସେଲ ମଧ୍ୟ ବ୍ଲକ ଅଫିସକୁ ଯାଇ ବିଡିଓ କ୍ଷମାନିଧି ଭୋଇ, ଗ୍ରାମ୍ୟ ଜଳ ଓ ପରିମଳ କାର୍ଯ୍ୟାଳୟର କର୍ମଚାରୀ ସୁଶାନ୍ତ କାଲୋଙ୍କୁ ଲିଖିତ ଜଣାଇ ସମାଧାନ ଦାବି କରିଛନ୍ତି। ପାନୀୟଜଳ ଯୋଗାଣ ଯେ ପର୍ଯ୍ୟନ୍ତ ନ ହୋଇଛି ସେପର୍ଯ୍ୟନ୍ତ ପ୍ରତିଦିନ ଟ୍ୟାଙ୍କରରେ ପାଣି ଯୋଗାଣ କରିବାକୁ ଦାବି କରିଛନ୍ତି।


ବଡ଼ଗାଁର ମହିଳାମାନେ ଜନପ୍ରତିନିଧିଙ୍କ ସହ ଯାଇ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

- ୧୫ ଦିନ ହେଲା ବଡ଼ଗାଁ ବସ୍ତି, ଲଟାଗାଁର ୪୦୦ ପରିବାର ହଇରାଣ
- ବିଡିଓ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କର୍ମଚାରୀଙ୍କୁ ଜଣାଇଲେ ଅଞ୍ଚଳର ମହିଳା

ସୂଚନାଯୋଗ୍ୟ, ମେଗା ପ୍ରକଳ୍ପ ପାଇପ ଲାଇନ ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଖୋଳି ଦିଆଯାଇଥିବାରୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଜଳ ଯୋଗାଣ ପାଇପ ଫାଟିଯାଇଛି। ପାଇପରେ ବାଲି, ମାଟି ଭର୍ତ୍ତି ହୋଇଯିବାରୁ ଜଳଯୋଗାଣ ହୋଇପାରୁନାହିଁ। ଗ୍ରୀଷ୍ମଋତୁରେ ପାନୀୟଜଳ ସଙ୍କଟ ଦେଖାଦେଇଥିବାବେଳେ ଦୀର୍ଘ ୧୫ ଦିନ ପର୍ଯ୍ୟନ୍ତ ଲୋକେ ହଇରାଣ ହେବା ଓ ଅଧିକାରୀମାନଙ୍କ ପାଖକୁ ଯାଇ ମହିଳାମାନେ ଗୁହାରି କରିବା ଦେଖିଲେ ସରକାରୀ ସ୍ତରରେ କାମ କିପରି ଚାଲିଛି ଓ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ପ୍ରଶାସନ କେତେ ସମ୍ବେଦନଶୀଳ ଏଥିରୁ ବୁଝାପଡୁଛି। ଏନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କର୍ମଚାରୀ ସୁଶାନ୍ତ କାଲୋଙ୍କୁ ପଚାରିବାରୁ ସେ କହିଲେ, ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଏନେଇ ଜଣାଇଦିଆଯାଇଛି। ଖୁବଶୀଘ୍ର ସମସ୍ୟା ସମାଧାନ ହୋଇଯିବ।

## ସଂକ୍ଷେପରେ

### ପିକ୍‌ଅପ ଧକ୍କାରେ ସ୍ତ୍ରୀ ମୃତ: ସ୍ୱାମୀ ଗୁରୁତର

କୁତ୍ରା, ୧୩।୬(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟ ପାଖରେ ସୋମବାର ଦୁର୍ଘଟଣା ଘଟିଛି। ଅପରାହ୍ନ ପ୍ରାୟ ୩ଟାବେଳେ ଏକ ଗାଡି ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗୋମାରଡ଼ିହି ଜୋଜୋପଡାର ସନ୍ତୋଷ ଜୋଜୋ(୫୬) ଓ ତାଙ୍କ ସ୍ତ୍ରୀ ବିନକୋ ଜୋଜୋ(୪୫) କୌଣସି କାମରେ ତାଙ୍କ ଦୁଇ ଚକିଆ ଗାଡ଼ିରେ ରାଜଗାଙ୍ଗପୁରକୁ ଯାଇଥିଲେ। ସେଠାରୁ କାମ ସାରି ଘରକୁ ଫେରୁଥିବା ସମୟରେ ଡାଲମିଆ ମହାବିଦ୍ୟାଳୟ ସମ୍ମୁଖରେ ଏକ ପିକଅପ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସ୍ୱାମୀସ୍ତ୍ରୀ ଦୁଇ ଜଣ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ଦେଖିବା ପରେ ବିନକୋଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସ୍ୱାମୀ ସନ୍ତୋଷଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କୁତ୍ରା ପୋଲିସ ମୃତଦେହ ଜବତ କରିବା ସହିତ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

### ଗେଟି ବୋଝେଇ ୭ଟ୍ରକ ଜବତ ସାଢ଼େ ତିନି ଲକ୍ଷ ଟଙ୍କା ଜରିମାନା ଆଦାୟ

ଲହୁଣୀପଡ଼ା, ୧୩।୬(ଡି.ଏନ.ଏ): ସୋମବାର ସକାଳୁ ଲହୁଣୀପଡା ଥାନା ପୋଲିସ କଲେଇପୋଷ ଛକ ଅଞ୍ଚଳରୁ ଗେଟି ବୋଝେଇ ସାତଟି ଟ୍ରକକୁ ଜବତ କରି ସାଢେ ତିନି ଲକ୍ଷ ଟଙ୍କା ଜରିମାନା ଆଦାୟ କରିଛି। ସୂଚନାରୁ ପ୍ରକାଶ ଯେ, ଗୁରୁଣ୍ଡିଆ ତହସିଲର ମୂଷାପୋଷ ଗ୍ରାମରେ ଥିବା କ୍ରସରରୁ ୫ଟି ହାଇୱା ଟ୍ରକ ଗେଟି ବୋଝେଇ କରି ବରସୁଆଁ ଅଞ୍ଚଳକୁ ଯାଉଥିଲା। ସେହିଭଳି ଦେବଗଡ଼ ଜିଲା ବାରକୋଟ ଅଞ୍ଚଳରୁ ୪ଟି ଗେଟି ବୋଝେଇ ହାଇୱା ଟ୍ରକ ବରସୁଆଁ ପଟେ ଯାଉଥିବା ଖବର କୌଣସି ସୂତ୍ରରୁ ଲହୁଣୀପଡା ପୋଲିସ ପାଇଥିଲେ। ବିଭିନ୍ନ ଛକରେ ଛକି ରହିଥିବାବେଳେ ଏହି ୯ଟି ଗାଡି କଲେଇପୋଷ ଛକଠାରେ ପହଞ୍ଚିବା ପରେ ପୋଲିସ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ରାଉରକେଲା ଆରଟିଓ ଅଫିସକୁ ସୂଚନା ଦେଇଥିଲେ। ରାଉରକେଲା ଆରଟିଓ ଖବର ପାଇ ଲହୁଣୀପଡା ଥାନାରେ ପହଞ୍ଚିଥିଲେ। ଜବତ ହୋଇଥିବା ୯ଟି ଗେଟି ବୋଝେଇ ହାଇୱା ଟ୍ରକ ମଧ୍ୟରୁ ୭ଟି ଓଭର ଲୋଡିଂ ଥିବାରୁ ୩ ଲକ୍ଷ ୪୫ ହଜାର ୫ଶହ ୮୦ ଟଙ୍କା ଜରିମାନା ଆରଟିଓ ଆଦାୟ କରିଥିଲେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଅନ୍ୟ ଦୁଇଟି ଗାଡିର ଓଭର ଲୋଡିଂ ନ ଥିବାରୁ କାଗଜପତ୍ର ଯାଞ୍ଚ କରି ଛାଡି ଦେଇଥିବା ଜଣାପଡ଼ିଛି।

# ଫାଇନାନ୍ସ କର୍ମଚାରୀ କୋର୍ଟ ଚାଲାଣ

କୁଆଁରମୁଣ୍ଡା, ୧୩।୬(ଡି.ଏନ.ଏ.)

**୨ଲକ୍ଷ ୭୬ ହଜାର ଟଙ୍କା ହଡ଼ପ ଅଭିଯୋଗ**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ନିକଟବର୍ତ୍ତୀ ଏକ ଫାଇନାନ୍ସ ସଂସ୍ଥାର କର୍ମଚାରୀ ରିଙ୍କୁ ରଣା(୨୫)ଙ୍କୁ ୨ଲକ୍ଷ ୭୬ ହଜାର ୨୨୦ଟଙ୍କା ହଡ଼ପ ଅଭିଯୋଗରେ ସୋମବାର କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଦଫା୪୬୮, ୪୭୧, ୪୨୦ରେ ଏକ ମାମଲା(ନଂ.୧୨୪/୨୨) ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ କହିଛନ୍ତି। ଅଭିଯୁକ୍ତ ରିଙ୍କୁ ଫାଇନାନ୍ସ ସଂସ୍ଥାର ରଣ ମଞ୍ଜୁର ଓ ଆଦାୟ କରୁଥିଲେ। ତାଙ୍କ ଘର ସମ୍ବଲପୁରର ଜମନକିରା ଅଞ୍ଚଳରେ ବୋଲି ପୋଲିସ କହିଛି। କେବଳ ଏତିକି ଟଙ୍କା ନୁହେଁ ପ୍ରାୟ ୧୫ଲକ୍ଷ ଟଙ୍କା ହଡପ ହୋଇଥିବା ନେଇ ପୋଲିସର ତଦନ୍ତ ଚାଲିଛି। ସୂଚନାନୁଯାୟୀ, ମେ ୧୭ରେ ଫାଇନାନ୍ସ କର୍ମଚାରୀ ରିଙ୍କୁ ରଣା ଲାସେ ଓ କାସେ ମହିଳା ମହାସଂଘର ସଦସ୍ୟାଙ୍କ ନାମରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଉକ୍ତ ୨ଲକ୍ଷ ୭୬ ହଜାର ୨୨୦ ଟଙ୍କା ଉଠାଇଥିଲେ। ଉକ୍ତ ମହାସଂଘର ସଦସ୍ୟାମାନେ ଶୁକ୍ରବାର ଜାଣିବା ପରେ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ ରାଜକୁମାର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ବିଷୟ ଜାଣିଲା ପରେ ଶାଖା ପରିଚାଳକ ପ୍ରଧାନ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟାନ୍ୟ କେତେକ ମହାସଂଘ ନାମରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରାଯାଇଥିବା ଫାଇନାନ୍ସ କମ୍ପାନୀ ଅଡିଟରୁ ଜଣାପଡିଛି।

# ରାଉରକେଲାରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ରାଉରକେଲା ଅଫିସ, ୧୩।୬

ପୂର୍ବତନ ଭାଜପା ନେତ୍ରୀ ନୁପୁର ଶର୍ମାଙ୍କ ବିବାଦୀୟ ବୟାନ ଯୋଗୁ ସାରା ଭାରତବର୍ଷରେ ହିଂସା ଦେଖାଦେଇଛି। ରାଉରକେଲା ସହରରେ ଏହାର ପ୍ରଭାବ ନ ପଡିବା ପାଇଁ ପ୍ଲାଣ୍ଟସାଇଟ ପୋଲିସ ପକ୍ଷରୁ ସୋମବାର ଫ୍ଲାଗ ମାର୍ଚ୍ଚ କରାଯାଇଛି। ଜିଲା ପୋଲିସ ସହ ହୋମ୍‌ଗାର୍ଡ, ସିଆଇଏସ୍‌ଫ ଯବାନ, ୪ର୍ଥ ବାଟାଲିୟନ ପୋଲିସ କର୍ମଚାରୀ ମିଳିତ ଭାବେ ସହରର ଟ୍ରାଫିକ୍ ଗେଟଠାରୁ ଆରମ୍ଭ କରି ରାଉରକେଲା ମେନ୍‌ରୋଡ ଦେଇ ବିଶ୍ରା, ଜନତା ନିବାସ ମାର୍ଗ ଓ ଗୋପବନ୍ଧୁ ପାଲୀରେ ଫ୍ଲାଗମାର୍ଚ୍ଚ କରିଥିଲେ। ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ, ଥାନାଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସେବା ସୁଶାସନ, ଗରିବ କଲ୍ୟାଣ ସମାବେଶ

ଦେବଗଡ଼, ୧୩।୬(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାରର ଇତିମଧ୍ୟରେ ୮ବର୍ଷ ପୂର୍ତ୍ତି ହୋଇଛି। ଏହି ଅବସରରେ ଭାଜପା ପକ୍ଷରୁ ସମଗ୍ର ଦେଶରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ସମାବେଶ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ସୋମବାର ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ମୁକ୍ତାକାଶ ମଞ୍ଚରେ ଦେବଗଡ ଜିଲା ଭାଜପା ପକ୍ଷରୁ ଏହି ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଗତ ଆଠ ବର୍ଷ ମଧ୍ୟରେ ଦେଶରୁ ଜାତି ଓ ପରିବାର ନିର୍ବିଶେଷରେ ଭ୍ରଷ୍ଟାଚାର ଓ ତୁଷ୍ଟିକରଣ ଆଦି ରୋକିବାକୁ ଉଦ୍ୟମ କରାଯିବା ସହ ସମସ୍ତ ବର୍ଗର ଲୋକଙ୍କ ହିତ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେହିପରି ଆଦିବାସୀ, ମହିଳା ଓ ସମାଜର ବିଭିନ୍ନ ସ୍ତରରେ ବାସ କରୁଥିବା ଲୋକଙ୍କ ଉତଥାନ ପାଇଁ ଯାତ୍ରା ଅବ୍ୟାହତ ରହିଛି। ଭାରତ ବର୍ଷକୁ ବିଶ୍ୱଗୁରୁ ରୂପେ ପୁନଃ ସ୍ଥାପିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ୟମ ଚଳାଇଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି। ପୂର୍ବାହ୍ନରେ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସେବା, ସୁଶାସନ ଓ ଗରିବ କଲ୍ୟାଣ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବ, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଭାଜପାର ରାଜ୍ୟ ପ୍ରବକ୍ତା ତଥା ଦେବଗଡ ଜିଲା ପ୍ରଭାରୀ ଧିରେନ ସେନାପତି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ ପ୍ରମୁଖ ନିଜର ବକ୍ତବ୍ୟ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ପ୍ରତିଟି କ୍ଷେତ୍ରରେ ଆଗକୁ ବଢୁଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଏସ୍.ସି. ମୋର୍ଚ୍ଚା ସଭାପତି ତଥା ଦେବଗଡ ପୌର ପରିଷଦର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ବିଳାସିନୀ ଥାପା ଦେବଗଡ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁତିଆ, କାଉନସିଲର ପିଙ୍କିରାଣୀ ସାହୁ, ମଧୁସୂଦନ ବାଘ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର, କାର୍ତ୍ତିକ ମହାକୁଳ, ବରିଷ୍ଠ ନେତା ରୋହିତ ଗଙ୍ଗଦେବ, ମାଧବୀ ଦେବୀ, ଭାଜପା ଜିଲା ସମ୍ପାଦକ ସମୀର ସାହୁ, ରିତ ପଟେଲ ଓ ମହନ୍ତ କୁମାର ବେହେରାଙ୍କ ସମେତ ବହୁ ନେତା ମଞ୍ଚାସୀନ ଥିଲେ । ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସମାବେଶ ପୂର୍ବରୁ ସ୍ଥାନୀୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରୁ ନେତା ଓ କର୍ମୀମାନେ ରାଜ୍ୟ ସଭାପତି ମହାନ୍ତିଙ୍କୁ ବାଇକ ଶୋଭାଯାତ୍ରାରେ ସ୍ୱାଗତକରି ନଗର ପରିକ୍ରମା କରିବା ପରେ ପ୍ରଧାନପାଟରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଉପରୋକ୍ତ ସମସ୍ତ ନେତା ଓ କର୍ମୀଙ୍କ ସମେତ ଭାଜପା ନେତ୍ରୀ ପ୍ରିତି ପରିମିତା ବେହେରା, ଭାଜପା ନେତା ମୋତିଲାଲ ଶର୍ମା, ସରୋଜ କୁମାର ପାଢୀ, ଯୋଗେଶ ଚନ୍ଦ୍ର ପ୍ରଧାନ, ବିରେନ ନାୟକ, ସୁଧିର କୁମାର ବ୍ରହ୍ମା, ଦୟଶଙ୍କର ଦ୍ୱିବେଦୀ, ଚନ୍ଦ୍ରଶେଖର ମହାପାତ୍ର, ସୁଧୀର କୁମାର ପାତ୍ର, ତପନ କୁମାର ସାମଲ ଓ ଅବିନାଶ ପ୍ରଧାନ ଅଂଶଗ୍ରହଣ କରିଥିଲେ।


ସମାବେଶରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

**WALK-IN-INTERVIEW**

**JANATA COLLEGE, BOINDA, DIST.- ANGUL - 759127**

**Walk-in-Interview** shall be conducted in Janata College, Boinda, Dist.- Angul for empanelment of faculty members and non-teaching staff for appointment on contractual basis as per the details given in the College website: **www. janatacollegeboinda.org** for the academic session 2022-23.

**Date of Interview: 20.06.2022**

**PRINCIPAL**
**Mob.: 9437331225**

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ଦୈନିକ ଧରିତ୍ରୀର ୧୭ତମ ସମ୍ବଲପୁର ଛାପାର ପୂର୍ତ୍ତି ଅବସରରେ ଶୁଭେଚ୍ଛା ଓ ଉତ୍ତରୋତ୍ତର କାମନା ସହିତ ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼ର ସେବାଞ୍ଚଳ ଅନ୍ତର୍ଗତ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ସମସ୍ତ ଜମାକାରୀ, ଗ୍ରାହକ, ପୃଷ୍ଠପୋଷକ, ଶୁଭେଚ୍ଛୁ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ନିଜ ପରିବାର ତଥା ଅଞ୍ଚଳର ଆର୍ଥିକ ସମୃଦ୍ଧି ଓ ସାମାଜିକ ପ୍ରଗତି ସକାଶେ ଆଗାମୀ ଦିନମାନଙ୍କରେ ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର ଏକାନ୍ତ କାମ୍ୟ ।

ସଂପ୍ରତି ବିଶ୍ୱରେ ମହାମାରୀ ରୂପେ ପ୍ରଭାବ ବିସ୍ତାର କରିଥିବା କରୋନା ରୋଗ (କୋଭିଡ୍-୧୯) ରୁ ନିଜକୁ ତଥା ପରିବାରବର୍ଗଙ୍କ ସହିତ ଅନ୍ୟ ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ନିମ୍ନଲିଖିତ ନିୟମ ପାଳନ କରିବାକୁ ଅନୁରୋଧ ।

୧. ପରସ୍ପର ମଧ୍ୟରେ ସାମାଜିକ ଦୂରତା ବଜାୟ ରଖନ୍ତୁ ।
୨. ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ସାବୁନରେ ହାତ ଧୁଅନ୍ତୁ ।
୩. ଆବଶ୍ୟକ ସ୍ଥଳେ ସାନିଟାଇଜର ବ୍ୟବହାର କରନ୍ତୁ ।
୪. ନିଜକୁ ତଥା ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ।
୫. ବିନା ମାସ୍କରେ ବାହାରକୁ ବାହାରନ୍ତୁ ନାହିଁ ।

**ସମସ୍ତେ ସୁସ୍ଥ ଓ ସୁରକ୍ଷିତ ରହିବା ଆମ୍ଭର କାମନା ।**

ଶ୍ରୀ ହରିଶ୍ଚନ୍ଦ୍ର ଦାସ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

# ବାଳିକା ହାଇସ୍କୁଲରେ ମୋ ସ୍କୁଲ ଅଭିଯାନର ବୈଠକ


ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ରୀ, ଶିକ୍ଷୟିତ୍ରୀ।

ଦେବଗଡ଼, ୧୩।୬(ଡି.ଏନ୍.ଏ.)

ଦେବଗଡ଼ ଜିଲାର ସରକାରୀ ବାଳିକା ହାଇସ୍କଲର ପୁରାତନ ଛାତ୍ରୀ, ଶିକ୍ଷାବିତ ଓ ଶିକ୍ଷୟିତ୍ରୀମାନଙ୍କୁ ନେଇ ମୋ ସ୍କୁଲ ଅଭିଯାନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ସ୍କୁଲର ପୁରାତନ ଛାତ୍ରୀ ତଥା ପୌର ପରିଷଦର ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ମୋ ସ୍କୁଲ ଅଭିଯାନର ସରକାରୀ ବାଳିକା ହାଇସ୍କୁଲର ସଭାପତି ବର୍ଷା ବୈଶାଳୀ, ସ୍ମିତା ଶାଳିନୀ ନାଏକ, ସ୍କୁଲ ପରିଚାଳନା କମିଟି ସଭାପତି ସୁନିତାରାଣୀ ମାଝି ପ୍ରମୁଖ ଯୋଗଦେଇଥିଲେ। ମୋ ସ୍କୁଲ ଅଭିଯାନ ଉଦ୍ଦେଶ୍ୟ କାର୍ଯ୍ୟକାରିତା ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ବହୁ ସଂଖ୍ୟାରେ ପୁରାତନ ଛାତ୍ରୀ ଯୋଗଦେଇଥିଲେ।

DSPL - 76

**ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**



ଜୁନ୍ ୧୪ ତାରିଖ ବିଶ୍ୱ ରକ୍ତଦାତା ଦିବସ । 'ରକ୍ତଦାନ ଏକତାର ପ୍ରତୀକ; ଏହି ମହତ ପ୍ରୟାସରେ ଯୋଗଦେଇ ମୂଲ୍ୟବାନ ଜୀବନ ରକ୍ଷା କରିବା' ଏହା ହେଉଛି ଚଳିତ ବର୍ଷ ବିଶ୍ୱ ରକ୍ତଦାତା ଦିବସ ପାଳନର ମୂଳମନ୍ତ୍ର ।

ରକ୍ତଦାନର କୌଣସି ବିକଳ୍ପ ନାହିଁ । ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତା ଉଭୟ ଗୁରୁତ୍ୱପୂର୍ଣ୍ଣ ଏବଂ ଜରୁରୀ । ଆପଣଙ୍କ ରକ୍ତଦାନ ଅନ୍ୟପାଇଁ ବରଦାନ ସଦୃଶ୍ୟ । ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକତା କରୁଥିବା ରୋଗୀମାନଙ୍କର ଦୁର୍ଲ୍ଲଭ ଜୀବନ ବଞ୍ଚାଇବାକୁ ଆଗେଇ ଆସିବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

ଆସନ୍ତୁ, ରକ୍ତଦାନ କରି ଆମ ବିଶ୍ୱର ସ୍ପନ୍ଦନକୁ ଜାରି ରଖିବା ଏବଂ ରକ୍ତ ପାଇଁ ଅକାଳରେ ଝରି ପଡୁଥିବା ଜୀବନକୁ ରକ୍ଷା କରିବା । ଏପରି ପୂଣ୍ୟ କାମ କରୁଥିବା ସମସ୍ତ ରକ୍ତଦାତାମାନଙ୍କୁ ମୁଁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ନବୀନ ପଟ୍ଟନାୟକ)

**ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା**



ପ୍ରତିବର୍ଷ ଜୁନ୍ ୧୪ ତାରିଖ 'ବିଶ୍ୱ ରକ୍ତଦାତା ଦିବସ' ରୂପେ ପାଳନ କରାଯାଉଛି । ଆଜିର ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ । ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିବା । ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାରେ ଥାଏ ଅପୂର୍ବ ଆନନ୍ଦ ।

ସ୍ୱତଃସ୍ଫୂର୍ତ୍ତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତ ଆବଶ୍ୟକ କରୁଥିବା ରୋଗୀମାନଙ୍କର ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ଦେବଦୂତ ସାଜୁଥିବା ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଆନ୍ତରିକ ଶୁଭେଚ୍ଛା ।

(ନବ କିଶୋର ଦାସ )
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା

OIPR-10080/13/0002/2223

# ଜିଲା ପୋଲିସ-ବରିଷ୍ଠ ନାଗରିକ ଫୋରମ୍ ଆଲୋଚନାଚକ୍ର

ଦେବଗଡ଼, ୧୩।୬(ଡି.ଏନ୍.ଏ.)

ଦେବଗଡ଼ ଜିଲା ପୋଲିସ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାର ପୌରାଞ୍ଚଳ ଅନ୍ତର୍ଗତ ବସବାସ କରୁଥିବା ବରିଷ୍ଠ ନାଗରିକମାନଙ୍କୁ ସୋମବାର ପରିଚୟପତ୍ର ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ସେଣ୍ଟର ଫର କଲଚର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ରାଜକିଶୋର ପାଇକରାୟ, ସମ୍ମାନିତ ଅତିଥି ଭାବେ ଜିଲା ବରିଷ୍ଠ ନାଗରିକ ଫୋରମ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ଅତିରିକ୍ତ ଏସ୍‌ପି ଅଙ୍କୁର ମଲ୍ଲିକ, ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ଓ ଡିଆଇବି ଡିଏସ୍‌ପି ପ୍ରଦୀପ କେରକେଟ୍ଟା ପ୍ରମୁଖ ମଞ୍ଚାସୀନ ରହି ଜିଲାର ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସହରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ବାଣ ଓ ଡିଜେ ସାଉଣ୍ଡର ପ୍ରଚଳନକୁ ରୋକିବା ନେଇ ଆଲୋଚନା କରାଯାଇଥିଲା। ସେହିପରି ସାମ୍ପ୍ରତିକ ସମାଜରେ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟଗତ ସୁରକ୍ଷା ସହ ସରକାରୀ କାର୍ଯ୍ୟାଳୟ ହେଉ କି ଅନୁଷ୍ଠାନ ବିଭିନ୍ନ ସ୍ତରରେ ବରିଷ୍ଠ ନାଗରିକମାନଙ୍କ ସମ୍ମାନର ସୁରକ୍ଷା ପାଇଁ ଦାବି କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଫୋରମ ପକ୍ଷରୁ ବରିଷ୍ଠ ନାଗରିକଙ୍କ ବୈଠକ ଓ ଆଲୋଚନା ପାଇଁ ଏକ କୋଠାର ଆବଶ୍ୟକତା ଥିବା ନେଇ ଦାବି କରାଯାଇଥିଲା। ସୋମବାର ପ୍ରଥମ ପର୍ଯ୍ୟାୟରେ ପୌରାଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇ ପରିଚୟପତ୍ର ପ୍ରଦାନ କରାଯାଇଛି ବୋଲି ଏସ୍‌ପି ପାଇକରାୟ ପ୍ରକାଶ କରିଛନ୍ତି।

E.mail- rw_sundargarh@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**

No.O-460: **E-PROCUREMENT NOTICE**

**BID IDENTIFICATION NO. ONLINE-SESNG-10 of 2022-23**

1. Name of the Work : Road Works
2. Total No. of Works : 04 Nos. Road
3. Estimated Cost : Rs.50.97 Lakhs to Rs.74.22 Lakhs
4. Class of Contractor : 'B' & 'A'
5. Period of Completion : 04 Calendar Months
6. Type of Tender : Double Cover
7. Other details :

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online -SESNG-10 of 2022-23 | 17.06.2022 11.00 A.M. | 30.06.2022 05.30 P.M. |

Further details can be seen from the website www.tendersorissa.gov.in.

**Sd./- Superintending Engineer**
**Rural Works Division, Sundargarh**
**OIPR-25046/11/0012/2223**

**GOVERNMENT OF ODISHA** No. O-465

**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**

**No.2308 / Date: 10.06.2022**

**"e" PROCUREMENT NOTICE FOR BUILDING WORKS**

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of Packages | : | 05 Nos. of Building Works |
| 3. | Estimated Cost of the Package | : | Varies from Rs.165.05 lakhs to Rs.453.02 lakhs |
| 4. | Class of Contractors | : | |
| | a) Estimated cost more than Rs.40.00 lakhs upto Rs.300.00 Lakhs | : | B Class & A Class (of Odisha PWD) or relevant Class of other licensing authorities |
| | b) Estimated cost more than Rs.3.00 Crores upto Rs.6.00 Crores | : | A Class & Special Class (of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.-16 of 2022 | 30.06.22 at 11.00 A.M. | 15.07.22 upto 5.00 P.M. | 16.07.22 upto 11.00 A.M. | To be intimated later on |

Further details can be seen from the website: **www.tendersorissa.gov.in**.

**Chief Construction Engineer,**
**Central Rural Works Circle, Bhubaneswar**

OIPR-25082/11/0010/2223

